## ଆଜି କ'ଣ କେଉଁଠି

ଧର୍ମଶାଳା

- ଧର୍ମଶାଳା ମହାବିଦ୍ୟାଳୟର ୪୬ତମ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ ପୂର୍ବାହ୍ନ ୧୦ ଘଟିକା।

## ସଂକ୍ଷେପରେ

### ଖସିଯାଇଥିବା ୨ ଟ୍ରାକ୍ଟର ଜବତ, ୨ ଗିରଫ

ଧର୍ମଶାଳା/ଜେନାପୁର,୨୯।୮(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ): ଗଡ଼ମଧୁପୁର ବନବିଭଗ ପକ୍ଷରୁ ଗତ ୨୩ ତାରିଖରେ ବାଘୁଆସ୍ଥିତ ବେଆଇନ କଳାପଥର ଖାଦାନରେ ଚଢ଼ାଉବେଳେ ସେଠାରୁ ଖସିଯାଇଥିବା ୨ଟି ଟ୍ରାକ୍ଟରକୁ ମଙ୍ଗଳବାର ଜବତ କରାଯାଇଛି। ଏଥିସହିତ ୨ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବାଘୁଆ ୨ ନମ୍ବର ଅଣଲିଜ ଖାଦାନରେ ବେଆଇନଭାବେ କଳାପଥର ଉତ୍ତୋଳନ ହେଉଥିବା ଖବର ପାଇ ଗଡ଼ମଧୁପୁର ଫରେଷ୍ଟର ସେଠାରେ ଚଢ଼ାଉ କରି ୨ କମ୍ପ୍ରେସର ମେଶିନକୁ ଜବତ କରିଥିଲେ। ଏହି ସମୟରେ ଘଟଣାସ୍ଥଳରୁ ୨ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ନେଇ ଚମ୍ପଟ ମାରିଥିଲେ। ଏ ନେଇ ବନବିଭାଗ ପକ୍ଷରୁ ଜେନାପୁର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ନଂ.୨୧୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏସ୍ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

### ବ୍ୟବସାୟୀଙ୍କ ପରଲୋକ

କାଏମା,୨୯।୮( ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅଧୀନ ବଡ଼କାଏମା ବଜାରର ବ୍ୟବସାୟୀ ଉଦୟ ସାହୁଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୫ବର୍ଷରୁ ଊର୍ଦ୍ଧ୍ୱ ହେବ ସେ କର୍କଟ ଜନିତ ରୋଗରେ ପୀଡ଼ିତ ଥିଲେ। ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ବଜାର କମିଟିର ସମସ୍ତ ସଦସ୍ୟଙ୍କ ସହିତ ସୁସମ୍ପର୍କ ରଖିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କାଏମା ବଜାରର ବ୍ୟବସାୟୀ ବ୍ରହ୍ମାନନ୍ଦ ରାଉତ, ଶିଶିର କୁମାର ମାହାଣା, ପ୍ରଶାନ୍ତ କୁମାର ବେହେରା, ଅଲେଖ ମହାନ୍ତି, ରତ୍ନାକର ବାରିକ, ନିଳାଦ୍ରୀ ମୁଦୁଲି ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କେଲୁଅ ନଦୀ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ବିଭୂତି ମୁଖାଗ୍ନି ଦେଇଛନ୍ତି।

### ମୋତିଆବିନ୍ଦୁ ଚିହ୍ନଟ ଶିବିର

ବାଲିଚନ୍ଦ୍ରପୁର,୨୯।୮ (ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁରସ୍ଥିତ ପତରାଜପୁର ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ ପରିସରରେ ମଙ୍ଗଳବାର ଏକ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ପ୍ରେସ୍‌କ୍ଲବ ଓ ବ୍ରିଗେଡ଼ ସ୍କୁଲ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦ୍ରାପଡ଼ାସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ସହାୟତା କରାଯାଇଥିଲା। ଆଖପାଖ ଅଞ୍ଚଳର ଅନେକ ରୋଗୀ ଯୋଗଦେଇ ଆଖି ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମୋତିଆବିନ୍ଦୁ ଚିହ୍ନିତ ରୋଗୀମାନଙ୍କୁ ଭୂମିକା ପକ୍ଷରୁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ନିଆଯାଇଛି। ୨ଦିନ ମଧ୍ୟରେ ସେମାନଙ୍କ ଅସ୍ତ୍ରୋପଚାର କରାଯାଇ କ୍ୟାମ୍ପରେ ଛାଡ଼ିବା ବ୍ୟବସ୍ଥା କରାଯିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶିବିରରେ ଡା. ପ୍ରଦୀପ ପାଲ, ପେସେଣ୍ଟକେୟାର ମ୍ୟାନେଜର ଲଳିତ ମୋହନ ସାହୁ, ସ୍ୱାସ୍ଥ୍ୟକର୍ମୀ ଅଭିଲିପ୍ସା ଭୂୟାଁ ଓ ନିରୁପମା ନାୟକ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ପ୍ରେସ୍‌କ୍ଲବ ପକ୍ଷରୁ ଉପଦେଷ୍ଟା ଅଜୟ ପ୍ରତାପ ସିଂହ, ସଭାପତି ପ୍ରକାଶ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ପ୍ରବାସ କୁମାର ଦାଶ, ଉପସଭାପତି ଉତ୍କଳ କେଶରୀ ସାମଲ, ତୁଷାର ରଞ୍ଜନ ଜେନା, ସୁମନ୍ତ କୁମାର ଜେନା, ଚିତ୍ତରଞ୍ଜନ ସିଂହ, ସେକ୍ ଇକବାଲ ହୁସେନ୍, ଜ୍ଞାନରଞ୍ଜନ ପୃଷ୍ଟି, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ରିଗେଡ୍ ସ୍କୁଲ ପକ୍ଷରୁ ଅଧ୍ୟକ୍ଷ ଅଜୟ କୁମାର ଦାଶ, ମିର୍ଜା ମନୱର ଅଲ୍ଲୀ ବେଗ୍, ଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ, ପ୍ରକାଶ କୁମାର ରଉତରାୟ, ବିଜୟାଲକ୍ଷ୍ମୀ ବସ୍ତିଆ, ମମତା ସାହୁ, ସୁବର୍ଣ୍ଣା ପୃଷ୍ଟି ଓ ଛାତ୍ରୀ ପଲ୍ଲବୀ ସାମଲ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପାଣ୍ଡିଆନ୍‌ଙ୍କ ଗସ୍ତକୁ କଂଗ୍ରେସର ବିରୋଧ



କଂଗ୍ରେସ ନେତା ଓ କର୍ମୀମାନେ ୫-ଟି ସଚିବଙ୍କୁ ବିରୋଧ କରି ସହରରେ ଶୋଭାଯାତ୍ରା କରୁଛନ୍ତି।


୫-ଟି ଲୋଗୋ ଥିବା ଗଞ୍ଜି ପିନ୍ଧି କେତେଜଣ ଯୁବକ କଂଗ୍ରେସ କର୍ମୀଙ୍କୁ ବିରୋଧ କରୁଛନ୍ତି।

- ୫-ଟି ଲୋଗୋ ଥିବା ଗଞ୍ଜି ପରିଧାନ କରି ମାଡ଼ି ଆସିଲେ ଯୁବକ
- ଖବରଦାତାଙ୍କୁ ବିଜେଡି କର୍ମୀଙ୍କ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗ

ଯାଜପୁର ଟାଉନ,୨୯।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଯାଜପୁର ଗସ୍ତକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। ଯାଜପୁର କଂଗ୍ରେସ ପକ୍ଷରୁ ଜିଲା ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଯୁବ କଂଗ୍ରେସ୍, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଦଳିତ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ଜିଲା କଂଗ୍ରେସ୍ କାର୍ଯ୍ୟାଳୟଠାରୁ ବାହାରି କଳା ପତାକା ଓ କଳା ପୋଷାକ ପରିଧାନ କରି ପାଣ୍ଡିଆନ୍ ଗୋ-ବ୍ୟାକ୍ ସ୍ଲୋଗାନ୍‌ରେ ସଭାସ୍ଥଳକୁ ଯାଇଥିଲେ। ଏହି ସମୟରେ ସ୍ଥାନୀୟ ମେଡିକାଲ୍ ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ କେତେଜଣ ଯୁବକ ୫-ଟି ଲୋଗୋ ଥିବା ଗଞ୍ଜି ପରିଧାନ କରି ଅତର୍କିତ ଭାବେ କଂଗ୍ରେସ କର୍ମୀଙ୍କୁ ପୋଲିସ୍ ଉପସ୍ଥିତରେ ଆକ୍ରମଣ କରିବାକୁ ମାଡ଼ିଆସିଥିଲେ। ଫଳରେ କିଛି ସମୟ ଧରି ପୋଲିସ ସେମାନଙ୍କୁ ପ୍ରତିରୋଧ କରିଥିଲା। ଯେଉଁମାନେ ଆକ୍ରମଣ ପାଇଁ ଆସିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଦ୍ ଧରି କଂଗ୍ରେସ କର୍ମୀ ରାସ୍ତାରେ ବସିଥିଲେ। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରି ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ ସଭା କରିଥିଲେ। ଏଥିରେ ସନ୍ତୋଷ କୁମାର ନନ୍ଦ, ଦିଗମ୍ବର କର, ବିଷ୍ଣୁ ରାଉତ, ବିଳାସ ରାଉତରାୟ, ବଳଭଦ୍ର ଦାସ, ବିଭୁତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ଦିଲୀପ ଦାସ, ସଂଗ୍ରାମ ଜେନା, ଗଦାଧର ଦାସ, ନାରାୟଣ ସାମନ୍ତ, ଆଲୋକ ବେହେରା, କନକ ରାଉତ, ପ୍ରତିମା କର, ପ୍ରଶାନ୍ତ ସାହୁ, ସନ୍ତୋଷ ବେହେରା, ନିକୁଞ୍ଜ ସାମଲ, ଗଣେଶ ଦାସ, ଅରଜିତ ନାୟକ, ସଞ୍ଜୀବ ଦାସ, ଶ୍ୟାମ ସୁନ୍ଦର କର, ଦେବ ପଣ୍ଡା ଓ ବିଜୟ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଖବରଦାତା ତରୁଣ ନନ୍ଦ ପାଣ୍ଡିଆନଙ୍କ ସଭାକୁ ଯାଉଥିବାବେଳେ କେତେଜଣ ବିଜେଡି କର୍ମୀ ତାଙ୍କୁ ସଭାକୁ ଯିବା ପାଇଁ ନ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିଥିଲେ ବୋଲି ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପରପକ୍ଷରେ ଖବରଦାତା ନନ୍ଦ ସଚିବଙ୍କ ସଭାକୁ ଯିବା ସମୟରେ ବିଜେଡି କାଉନ୍‌ସିଲର ସେକ୍ ମୁର୍ତଜା ଏବଂ ତାଙ୍କର କେତେଜଣ ସମର୍ଥକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଥାନା ଅଧିକାରୀ ତଦନ୍ତ ଜାରି ରଖିଛନ୍ତି।

## ଚୋରି ଟ୍ରକ୍ କେନ୍ଦୁଝରରୁ ଉଦ୍ଧାର

ଧର୍ମଶାଳା,୨୯।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ରାମ୍‌କୋ ସିମେଣ୍ଟ୍ କାରଖାନା ନିକଟରୁ ଗତ ୨୭ ତାରିଖ ରାତିରେ ଚୋରି ହୋଇଥିବା ଏକ ୧୨ଚକିଆ ଟ୍ରକ୍ (ଓଡି-୦୫-ଆର୍-୬୬୪୩)କୁ ପୋଲିସ କେନ୍ଦୁଝର ରୁଗୁଡିଡିଅ ଅଞ୍ଚଳରୁ ଉଦ୍ଧାର କରି ମାଲିକାଙ୍କୁ ହସ୍ତାନ୍ତର କରିଛି। ରାମ୍‌କୋ ସିମେଣ୍ଟ୍ କାରଖାନାରେ ନିୟୋଜିତ ହୋଇଥିବା ଏହି ଟ୍ରକ୍‌ଟିକୁ ବ୍ରାହ୍ମଣଦା ଗ୍ରାମର ମାଲିକ ଲିଙ୍ଗରଜ ସାହୁ କାରଖାନା ଗେଟ ପାଖରେ ରଖି ଘରକୁ ପଳାଇଥିଲେ। ଏହାପରେ କେହି ଦୁର୍ବୃତ୍ତ ଟ୍ରକଟିକୁ ସେଠାରୁ ଚୋରି କରିନେଇଥିଲେ। ଏନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଟ୍ରକଟି କେନ୍ଦୁଝର ଜିଲା ରୁଗୁଡିଡିହସ୍ଥିତ ଶ୍ରୀମେଟାଲ କାରଖାନା ନିକଟରେ ଥିବା ଖବର ପାଇ ମଙ୍ଗଳବାର ପୋଲିସ ସେଠାରେ ଚଢ଼ାଉ କରିଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## କୋରେଇ ମହିଳା କଂଗ୍ରେସର ବିକ୍ଷୋଭ

ଯାଜପୁରରୋଡ୍,୨୯।୮ (ପବିତ୍ର ରଞ୍ଜନ ମହାନ୍ତି): ୫-ଟି ସଚିବ ଭିକେ. ପାଣ୍ଡିଆନ ମଙ୍ଗଳବାର କୋରେଇ ନିର୍ବାଚନମଣ୍ଡଳୀର ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚନ୍ଦମା ଖେଳପଡ଼ିଆଠାରେ ଆହୁତ ମିଶନ ଶକ୍ତି ମହିଳା ସମାବେଶରେ ଯୋଗଦେଇଥିବାବେଳେ କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯାଇ ବିକ୍ଷୋଭ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ଦଳୀୟ ପତାକା ସହ କଳା ଶାଢ଼ି ପିନ୍ଧି ପାଣ୍ଡିଆନ ଗୋ ବ୍ୟାକ୍ ଓ ସରକାର ବିରୋଧୀ ବିଭିନ୍ନ ନାରାଦେଇ ସଭାସ୍ଥଳ ଅଭିମୁଖେ ପଦଯାତ୍ରା କରିଥିଲେ। ଚୋରଦା ଛକ ନିକଟରେ ମହିଳା ପୋଲିସ ପକ୍ଷରୁ ସେମାନଙ୍କୁ ରାସ୍ତାରେ ଅଟକାଇ ଦିଆଯାଇଥିଲା। ଫଳରେ ସଭାସ୍ଥଳକୁ ସେମାନେ ଯାଇ ନ ପାରି ସେହି ସ୍ଥାନରେ ରାସ୍ତାରେ ବସିରହିଥିଲେ।

ଆମ ଅଞ୍ଚଳରେ ମହିଳାଙ୍କ ପାଇଁ ସମାବେଶ ହେଉଥିବା ବେଳେ ସେମାନଙ୍କୁ କାହିଁକି ଛଡ଼ାଯିବ ନାହିଁ ବୋଲି ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ପରିଡା ଓ ଅନ୍ୟମାନେ ପ୍ରଶ୍ନ କରଥିଲେ। ସେହି ସମୟରେ ସଭାସ୍ଥଳକୁ ମହିଳାମାନଙ୍କୁ ନେଇ ଯାଉଥିବା ବସକୁ ମଧ୍ୟ ମହିଳା ନେତ୍ରୀମାନେ ଯିବାକୁ ଦେଇ ନ ଥିଲେ। କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିକ୍ଷୋଭରେ ଜିଲା ମହିଳା ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ରାଜ୍ୟ ମହିଳା ସମ୍ପାଦିକା ସ୍ୱର୍ଣ୍ଣଲତା ବାନାରା, ସୁକିନ୍ଦା ବ୍ଲକ ମହିଳା ସଭାନେତ୍ରୀ ସ୍ୱପ୍ନା ବେହୁରା,ବ୍ୟାସନଗର ମହିଳା ସଭାନେତ୍ରୀ ଜ୍ୟୋତିସ୍ମିତା ରାଉତ, କୁନ୍ତଳା ସାହୁ ଓ ମମତା ମଲ୍ଲିକ ପ୍ରମୁଖ ମହିଳା କର୍ମୀ ସାମିଲ ହୋଇଥିଲେ। ଅନ୍ୟପଟେ ସଭାସ୍ଥଳ ନିକଟରେ କୋରେଇ ଯୁବ କଂଗ୍ରେସ ପକ୍ଷରୁ ୧୦ରୁ ଊର୍ଦ୍ଧ୍ୱ ଯୁବକ କଳା ପତାକା ଦେଖାଇବା ସହ ପାଣ୍ଡିଆନ ଗୋ୍ ବ୍ୟାକ ସ୍ଲୋଗାନ ଦେଇଥିଲେ। ପୋଲିସ କର୍ମଚାରୀମାନେ ସେମାନଙ୍କୁ ତୁରନ୍ତ ସେଠାରୁ କଡ଼ନ କରି ବାହାରକୁ ନେଇଯାଇଥିଲେ। ପୂର୍ବରୁ ଏହି ଘଟଣା ଘଟିବା ଆଶଙ୍କା ଥିବାବେଳେ ପୋଲିସ ଗୁଇନ୍ଦା ବିଭାଗ ଏ ସମ୍ପର୍କରେ ଜାଣି ନ ପାରିବା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି।


କୋରେଇ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ପେନଚାକ୍ ସିଲଟରେ ଯାଜପୁରକୁ ସଫଳତା


ପ୍ରଶିକ୍ଷକଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଯାଜପୁରରୋଡ୍,୨୯।୮ (ପବିତ୍ର ରଞ୍ଜନ ମହାନ୍ତି): ୬ଷ୍ଠ ରାଜ୍ୟସ୍ତରୀୟ ପେନଚାକ୍ ସିଲଟ ପ୍ରତିଯୋଗିତା ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଶ୍ରୀଉମାମାହେଶ୍ୱରୀ ବଣିକ ସଂଘ ଆନୁକୂଲ୍ୟରେ ଚଳିତ ମାସ ୨୬ ଓ ୨୭ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାର ୨୫ ଜଣ ପ୍ରତିଯୋଗୀ ମାଷ୍ଟର ମନୋରଞ୍ଜନ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଭାଗନେଇ ସଫଳତା ଅର୍ଜନ କରିଛନ୍ତି। ପ୍ରତିଯୋଗୀ ବିଭିନ୍ନ ବର୍ଗରେ ୧୩ ସ୍ୱର୍ଣ୍ଣ, ୧୨ ରୌପ୍ୟ ଏବଂ ୮ କାଂସ୍ୟ ପଦକ ହାସଲ କରିଛନ୍ତି। ସାନବି ସୁହାନି ଭଞ୍ଜ, ଅଭ୍ୟା ଚତୁର୍ବେଦୀ, ମଙ୍ଗଳା ଲାସ୍ୟା, ଏସ.ବି ସାଇ ସୁଲଗ୍ନା, ଆର୍ଯ୍ୟଶ୍ରୁତି ପଟ୍ଟନାୟକ, ଶାନ୍ତନୁ ସାହୁ, ସାଇଶ୍ରଦ୍ଧା ରାଉତ, ସୁଶ୍ରୀ ଅର୍ପିତା, ଇସାନୀ ମିଶ୍ର, ସ୍ୱାତି ମହାପାତ୍ର, ସୌମ୍ୟରଞ୍ଜନ, ସାଇରାଜ ମହାନ୍ତି ସ୍ୱର୍ଣ୍ଣପଦକ ଜିତିଥିବାବେଳେ ସ୍ୱାଗତ ସମ୍ପନ୍ନ ଜେନା, ବୁଦ୍ଧାଦିତ୍ୟ ମୁଦୁଲି, ଚିନ୍ମୟ ଚନ୍ଦନ ରାଉତ, ଉତ୍କଳ କେଶରୀ ନାୟକ, ଆକାଂକ୍ଷା ପ୍ରଧାନ, ସ୍ୱାଧୀନ ଦାସ, ସ୍ରିଷ୍ଟି ଚତୁର୍ବେଦୀ, ରହିନୀ ମିଶ୍ର, ଦୁଷ୍ମନ୍ତ ରାହୁଲ ଓ ପାର୍ଥସାରଥୀ ପାଲ ରୋପ୍ୟ ପଦକ ଜିତିଛନ୍ତି। ଦିବ୍ୟସ୍ମାରକ ସାହୁ, ଧ୍ରୁତି ରଞ୍ଜନ ବେହେରା, ଭବାନୀ ଶଙ୍କର ପଲେଇ ଓ ଏନ୍‌ସି ଦିବ୍ୟାଂଶୁ ଦଳାଇ କାଂସ୍ୟ ପଦକ ହାସଲ କରିଛନ୍ତି। ଯାଜପୁର ଦଳଗତ ଭାବେ ୨ୟ ରନର୍ସ ଅପ ହୋଇ ଜିଲାକୁ ଗୌରାବାନ୍ୱିତ କରିଛି। ଜିଲାରୁ ଅଫିସିଆଲ ଭାବେ ବିଚିତ୍ର ବିଶ୍ୱାଳ, ଆଉଲା ଯାତାଧାରୀ ରାଓ, କୋଚ ଭାବେ ସୌମ୍ୟରଞ୍ଜନ ନାୟକ ଯୋଗ ଦେଇଥିଲେ।

### ସଚିବଙ୍କ ଦାବିପତ୍ର ଦେବ ଧର୍ମଶାଳା କଂଗ୍ରେସ

ଧର୍ମଶାଳା,୨୯।୮(ବଟକୃଷ୍ଣ ପରିଡା): ଆସନ୍ତା ୩୧ରେ ଧର୍ମଶାଳା ଗସ୍ତରେ ଆସୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ଏନେଇ ଜାରକା ମେଲଣ ପଡ଼ିଆରେ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ସଚିବଙ୍କ ଏହି ଗସ୍ତକୁ ଧର୍ମଶାଳା କଂଗ୍ରେସ ବିରୋଧ କରିବ ବୋଲି ମଙ୍ଗଳବାର ଜାରକାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା କିଷାନ ପଣ୍ଡା ସୂଚନା ଦେଇଛନ୍ତି।ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ଜାରକା ଗୋପବନ୍ଧୁ ଛକରୁ ଏକ ରାଲିରେ ଆସି ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରିବେ ବୋଲି ଜଣାଯାଇଛି। ଏହି ଅବସରରେ ପାଣ୍ଡିଆନଙ୍କୁ କଂଗ୍ରେସ ପକ୍ଷରୁ ଏକ ୯ଦଫା ଦାବିପତ୍ର ଦେବାକୁ ସ୍ଥିର କରାଯାଇଛି। ଦାବିପତ୍ରରେ ଧର୍ମଶାଳାକୁ ଏନ୍ଏସି ମାନ୍ୟତା, ଶଗଡ଼ିଆ ନାଳ ପୁନରୁଦ୍ଧାର, ବାରବାଟୀରେ ମେଗା ଶୀତଳ ଭଣ୍ଡାର ଓ ଧର୍ମଶାଳା ମେଡିକାଲରେ ୨୦୦ ଶଯ୍ୟା ସହିତ ଆବଶ୍ୟକ ଡାକ୍ତର ନିଯୁକ୍ତି ଆଦି ରହିଛି। ଦାବିପତ୍ରକୁ ସଚିବଙ୍କୁ ଦେବାକୁ ଦଳ ଜିଲା ପ୍ରଶାସନର ଅନୁମତି ଲୋଡିଛି। ଯଦି ଦାବିପତ୍ର ପ୍ରଦାନ କରିବାକୁ ସୁଯୋଗ ଦିଆ ନ ଯାଏ ତେବେ ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦଳ ତୀବ୍ର ବିରୋଧ କରାଯିବ ବୋଲି ପଣ୍ଡା ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ବାବୁଲି ମଲ୍ଲିକ ଓ ଦୀପକ ବଳ ପ୍ରମୁଖ ଉପସ୍ଥିତ ଥିଲେ।

### ୧୮୦ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ବାଲିଚନ୍ଦ୍ରପୁର,୨୯।୮(ଗିରିଜାପ୍ରସାଦସାହୁ): ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ, ସମ୍ମାନିତ ଅତିଥି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ମଧୁବାବୁ ପେନସନ, ବାର୍ଦ୍ଧକ୍ୟ, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ଆଦି ୧୮୦ ନୂତନ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାମଲ, ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଆମ୍ବା ଅଧକ୍ଷ ବିପିନ ଜେନା, ମନୋରଞ୍ଜନ ମଲ୍ଲିକ, ଫନିନ୍ଦ୍ରନାଥ ପଣ୍ଡା, ପଞ୍ଚାୟତ ବିଜେଡି ସଭାପତି ସେକ୍ ଏମାମୁଦ୍ଦିନ୍, ନିୟାଜୁଦ୍ଦିନ୍ ଖାଁ, ନାସିରୁଦ୍ଦିନ୍ ଖାଁ, ସତ୍ୟଜିତ୍ କାନୁନଗୋ, ଅନୁସୟା ରାଉତ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ସୁଧାଂଶୁ ଶେଖର ମହାନ୍ତି, ଶରତ ବାରିକ ଓ ସମସାରା ବେଗମ୍ ପ୍ରମୁଖ ସହଯୋଗ କରିଥିଲେ। ଯୁବ ବିଜେଡି ସମ୍ପାଦକ ରଶ୍ମିରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।

## ଅଗ୍ନିଶମ ବାହିନୀ ପକ୍ଷରୁ ବିଦ୍ୟାଳୟରେ ମକ୍‌ଡ୍ରିଲ

ବିରିଡି,୨୯।୮(ପ୍ରଶାନ୍ତ କୁମାର ରାଉତ): ବିରିଡି ଅଗ୍ନିଶମ ବାହିନୀ ପକ୍ଷରୁ ସେଣ୍ଟ ଜାଭିୟର ହାଇସ୍କୁଲ କମଳପୁର ମଙ୍ଗିଦିପୁର ଛାତ୍ରୀଛାତ୍ରମାନଙ୍କୁ ଅଗ୍ନିନିରାପତ୍ତା ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ମଙ୍ଗଳବାର ପ୍ରଶିକ୍ଷଣ ଦିଆଯାଇ ମକ୍‌ଡ୍ରିଲ୍ କରାଯାଇଥିଲା। ବିରିଡି ଅଗ୍ନିଶମ ବିଭାଗର କେନ୍ଦ୍ର ଅଧିକାରୀ ଅଶୋକ ଶତପଥୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ନିଆଁ ଲାଗି କିପରି ଆୟତ୍ତ କରାଯିବ ଏନେଇ କେଉଁ କୌଶଳ ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ ଡେମୋକରି ଦେଖାଇବା ସହ ବୁଝାଇଥିଲେ। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିହେବ ତାର କୌଶଳ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ ।

## କେଲୁଅ ନଦୀରେ କୁମ୍ଭୀର

**ବନ ବିଭାଗ ପକ୍ଷରୁ ନଦୀକୁ ନ ଯିବା ପାଇଁ ସତର୍କ**

କାଏମା,୨୯।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଞ୍ଚଳର ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରେ କୁମ୍ଭୀର ବାହାରି ଥିବା ଲୋକେ ଦେଖିବାକୁ ପାଇଛନ୍ତି। ଏଥି ଲାଗି ନଦୀକୂଳ ଅଞ୍ଚଳବାସୀ ଭୟଭିତ ଅବସ୍ଥାରେ ଅଛନ୍ତି। କିଛି ଦିନ ତଳେ ଧର୍ମଶାଳା କଦମପାଳ ଅଞ୍ଚଳର କେଲୁଅ ନଦୀରେ କୁମ୍ଭୀର ବାହାରି ଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଥିଲା। ଫଳରେ ସମସ୍ତେ ଭୟଭିତ ହୋଇଥିଲେ। ଏହି ଘଟଣା ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିଲା। ପରେ ଏହାର ସତ୍ୟତାକୁ ନେଇ କୌଣସି ଖବର ମିଳିପାରି ନ ଥିଲା। କିନ୍ତୁ ମଙ୍ଗଳବାର ଏହାକୁ ଦେଖିଥିବା ଘଟଣା ସତ୍ୟ ବୋଲି ସ୍ଥାନୀୟ ଲୋକେ ପ୍ରତିକ୍ରିୟା ଦେଇଛନ୍ତି। କୁମ୍ଭୀରକୁ ପ୍ରଥମେ କେଲୁଅ ନଦୀର ଭାବିଲ ନିକଟରେ କେତେଜଣ ସ୍ଥାନୀୟ ଲୋକେ ଦେଖିଥିଲେ ଓ ଭିଡିଓ ଉତ୍ତୋଳନ କରିଥିଲେ। ପରେ କୋତପୁର, ଭଗବାନପୁର ମଧ୍ୟ ଭାଗରେ ସ୍ଥାନୀୟ ବାସିନ୍ଦା ସନ୍ତୋଷ କୁମାର ଭୋଇ ଓ ତାଙ୍କ ସାଥୀମାନେ କୁମ୍ଭୀର ଦେଖିବା ସହ ଭିଡିଓ କରିଥିବା କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀ ଅଶ୍ୱିନୀ କୁମାର ସାହୁ କହିଛନ୍ତି, ସେ ଖବର ଓ ଭିଡିଓ ପାଇବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ବୁଧବାର ସକାଳୁ ପାଟ୍ରୋଲି କରାଯିବ। ଯଦି କୌଣସି ସ୍ଥାନରେ କୁମ୍ଭୀର ନଜରକୁ ଆସିବ ତେବେ ଉପରିସ୍ଥ ଅଧିକାରୀ ଓ ତାଲିମପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ତାକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ। ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ନଦୀକୁ ନ ଯିବା ପାଇଁ ସାହୁ ନିବେଦନ କରିଛନ୍ତି।

# ଟିଏସ୍ଏଫ୍ ପକ୍ଷରୁ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ

କଳିଙ୍ଗନଗର,୨୯।୮ (ଶୁଭାଶିଷ ରାଉତ) : ମେଜର୍ ଧ୍ୟାନଚାନ୍ଦଙ୍କ ୧୧୮ତମ ଜନ୍ମବାର୍ଷିକୀ ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ(ଟିଏସ୍ଏଫ୍) ପକ୍ଷରୁ ମଙ୍ଗଳବାର ଦାନଗଦି ବ୍ଲକ ସାଳିଜଙ୍ଗା ପଞ୍ଚାୟତର ବାଘୁଆପାଳ ଖେଳ ପଡ଼ିଆରେ ଏକ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ବିକାଶ, ଦକ୍ଷତା ଓ ବୈଷୟିକ ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଟୁର୍ନାମେଣ୍ଟର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଯୁବବର୍ଗଙ୍କୁ କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାନଗଦି ବ୍ଲକର ଜିଲା ପରିଷଦ ସଭ୍ୟା ଟିନା ହାଇବ୍ରୁ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

୩ ବର୍ଗରେ ଯଥା ୧୨ ବର୍ଷରୁ କମ୍ ବାଳକ ବର୍ଗ, ୧୪ ବର୍ଷରୁ କମ୍ ବାଳକ ବର୍ଗ ଏବଂ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଟୁର୍ନାମେଣ୍ଟର ଆୟୋଜନ ହୋଇଥିଲା । ୧୭ଟି ଦଳ ମଧ୍ୟରେ ମୋଟ ୧୮ ମ୍ୟାଚ ଖେଳାଯାଇଥିଲା, ଯେଉଁଥିରେ ବ୍ରାହ୍ମଣୀପାଳ, ସୁକିନ୍ଦା ଏବଂ କଳିଙ୍ଗନଗର ଅଞ୍ଚଳର ୨୭୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଫୁଟ୍‌ବଲ୍ ପଡ଼ିଆରେ ସେମାନେ ନିଜର ଦକ୍ଷତା ପ୍ରଦର୍ଶନ କରି ଦଳକୁ ବିଜୟୀ କରିବାକୁ ବିଭିନ୍ନ ରଣକୌଶଳ ପ୍ରୟୋଗ କରିଥିଲେ। ଏହି ଟୁର୍ନାମେଣ୍ଟ କେବଳ ଫୁଟ୍‌ବଲ୍ ଖେଳାଳିମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରି ନ ଥିଲା ବରଂ ଗୋଷ୍ଠୀ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ଏବଂ ସାମାଜିକ ଦାୟିତ୍ୱକୁ ଉତ୍ସାହିତ କରିବା ପାଇଁ ଏକ ମାଧ୍ୟମ ହୋଇ ପାରିଥିଲା । ଏହି ଟୁର୍ନାମେଣ୍ଟରେ ୧୨ ବର୍ଷରୁ କମ୍ ବାଳକ ବର୍ଗରେ ସୁକିନ୍ଦା ଦଳ, ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବ୍ରାହ୍ମଣୀପାଳ ଏବଂ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ କଳିଙ୍ଗନଗର ଦଳ ବିଜୟୀ ହୋଇଥିଲେ।

ପୁଷ୍ଟିକର ଖାଦ୍ୟର ମହତ୍ତ୍ୱକୁ ଗୁରୁତ୍ୱ ଦେବା ପାଇଁ ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ଆୟୋଜକ କମିଟିର ସଦସ୍ୟ ପୁଷ୍ଟିକର ମଧ୍ୟାହ୍ନ ଭୋଜନ କରିବା ସହିତ କ୍ରୀଡ଼ା ଏବଂ ଦୈନନ୍ଦିନ ଜୀବନରେ ଏହାକୁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ଟାଟା ଷ୍ଟିଲ୍ କଳିଙ୍ଗନଗରର ପ୍ରଶାସନ ବିଭାଗ ଫ୍ଲଟ୍ ୨ ହାଉସିଂ କଲୋନୀରେ ରହୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ ମଜାଳିଆ କ୍ରୀଡ଼ାର ଆୟୋଜନ କରିଥିଲେ।


ଅତିଥିଙ୍କ ଗହଣରେ ଟୁର୍ନାମେଣ୍ଟରେ ଭାଗନେଇଥିବା ପ୍ରତିଯୋଗୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ଅଗଷ୍ଟ, ୨୦୨୩



## ମହିଳା ପୋଷ୍ଟମାଷ୍ଟରଙ୍କ ବେକରୁ ସୁନାଚେନ ଲୁଟ

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ) : ପଟ୍ଟାମୁଣ୍ଡାଇ ହେଡ଼ ପୋଷ୍ଟ ଅଫିସର ମହିଳା ପୋଷ୍ଟମାଷ୍ଟରଙ୍କ ବେକରୁ ଦୁର୍ବୃତ୍ତମାନେ ମଙ୍ଗଳବାର ସୁନା ଚେନ ଲୁଟି ନେଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପୋଷ୍ଟ ଅଫିସର ମହିଳା ପୋଷ୍ଟ ମାଷ୍ଟର ରେଣୁବାଳା ନାୟକ ସନ୍ଧ୍ୟାରେ ସାଢ଼େ ୬ଟାରେ ଅଫିସ କାମ ସାରି ଚାଲି ଚାଲି ନିକଟସ୍ଥ ଦକ୍ଷିଣଦିଆ ଗ୍ରାମରେ ଥିବା ବାସଭବନକୁ ଯାଉଥିଲେ। ମ୍ୟୁନିସିପାଲିଟି ଅଫିସ ନିକଟରେ ଥିବା ସ' ମିଲ ରାସ୍ତାରେ ୩ ଜଣ ଦୁର୍ବୃତ୍ତ ଏକ ସ୍କୁଟି ଯୋଗେ ଆସି ତାଙ୍କୁ ଆକ୍ରମଣ କରିବା ସହ ବେକରେ ଥିବା ସୁନା ଚେନ ଲୁଟି ନେଇ ଦ୍ରୁତଗତିରେ ମହିଳା କଲେଜ ରାସ୍ତାରେ ପଳାଇ ଯାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଶବରୀ ବୃଦ୍ଧାଙ୍କୁ ପ୍ରତିଶ୍ରୁତି ଦେଇ ଭଣ୍ଡାଇଲା ପ୍ରଶାସନ

- ଶବରପଲ୍ଲୀରେ ପହଞ୍ଚିଲେନି ଅଧିକାରୀ
- ମିଳିତ ଜନଶୁଣାଣି ଶିବିରରେ ଗାଁ ପରିଦର୍ଶନ ପାଇଁ ଦେଇଥିଲେ ପ୍ରତିଶ୍ରୁତି
- କାମଧନ୍ଦା ବନ୍ଦ କରି ଅଧିକାରୀଙ୍କୁ ଚାହିଁ ଜଳକା ହେଲେ ଗାଁ ଲୋକେ

ମହାକାଳପଡ଼ା, ୨୯।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସଭାଗୃହଠାରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ଅଭିଯୋଗ ହୋଇଥିବା ବେଳେ ପେଟଛେଲା ପଞ୍ଚାୟତ ଶବରପଲ୍ଲୀର ଶବରୀ ବୃଦ୍ଧା ଦୁଃଖୀ ଭକ୍ତା ଗାଁ ସମସ୍ୟାକୁ ଭିନ୍ନ ଢଙ୍ଗରେ ଜିଲା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବାବୁ ଆମ ଗାଁକୁ ରାସ୍ତା କେବେ ଦେବୁ, କାହିଁକି ହୋଇନି। ସ୍ୱାଧୀନତାର ୭୭ ବର୍ଷ ପରେ ଗାଁରେ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଆବାସ ଯୋଜନା ମିଳିନାହିଁ। ଆମକୁ କାହିଁକି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ। ବୃଦ୍ଧାଙ୍କ ପ୍ରଶ୍ନ ବାଣରେ ପ୍ରଶାସନିକ ଅଧିକାରୀ ହଡବଡେଇ ଯାଇଥିଲେ। ଏହାର



ଶବରପଲ୍ଲୀ ଗାଁର ଲୋକେ ପ୍ରଶାସନିକ ଅଧିକାରୀଙ୍କୁ ଅପେକ୍ଷା କରିଛନ୍ତି।

ସମାଧାନ କରିବାକୁ ଯାଇ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀମାନେ ବୃଦ୍ଧା ଦୁଃଖୀଙ୍କୁ ମଙ୍ଗଳବାର ଗାଁକୁ ବିଭାଗୀୟ ଅଧିକାରୀମାନେ ପହଞ୍ଚି ସମସ୍ୟାର ସମାଧାନର ବାଟ ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଦୁଃଖୀ ବ୍ଲକ୍‌ରୁ ଗାଁକୁ ଫେର ବଡ଼ ବଡ଼ ବାବୁମାନେ ଆସିବେ ବୋଲି ସମସ୍ତଙ୍କୁ କହିଥିଲେ। ଅଭାବୀ, ଦାରିଦ୍ର୍ୟ ସୀମା ରେଖା ତଳେ ବସବାସ କରୁଥିବା ମହିଳାପୁରୁଷମାନେ କାମ ଧନ୍ଦାକୁ ନ ଯାଇ ମିଳିତ ହୋଇ ଗାଁ ବର ଗଛ ମୂଳେ ବାବୁଙ୍କୁ ଚାତକ ଭଳି ଚାହିଁ ବସିଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ଥିଲେ ମଧ୍ୟ କୌଣସି ବାବୁମାନଙ୍କ ଦେଖା ମିଳି ନ ଥିଲା। ଫଳରେ ସେମାନେ କହିଥିଲେ ବାବୁମାନେ ପ୍ରତିଶ୍ରୁତି ଦେଇ ଆମମାନଙ୍କୁ ଭଣ୍ଡାଇଲେ। ଏଠାରେ ପ୍ରଶ୍ନ ଉଠେ କାହିଁକି ନିରୀହ ଆଦିବାସୀ ଶବରଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଉଛି। ଏହା ପଛରେ କ'ଣ କାରଣ ରହିଛି ତାହା ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଛି।

## ସଂକ୍ଷେପରେ

### ଦୁର୍ନୀତି ବିରୋଧରେ ଭାଜପାର ପଞ୍ଚାୟତ ଘେରାଉ

ରାଜକନିକା, ୨୯।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ପଧାନପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ପଞ୍ଚାୟତ ଘେରାଉ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ପଶ୍ଚିମ କନିକା ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁ, ନାରୀନେତ୍ରୀ ଆଶାଲତା ପଟ୍ଟନାୟକ, ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନାକୁ ରାଜ୍ୟ ସରକାର ହାଇଜାକ କରି ନିଜସ୍ୱ ବୋଲି କହୁଛନ୍ତି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପ୍ରଧାନମନ୍ତ୍ରୀ ଆବାସ ଗୃହ ଦେଇଥିବା ବେଳେ ତାହା ରାଜ୍ୟରେ ଦଳୀୟ ଆଧାରରେ ବଣ୍ଟନ କରାଯାଉଛି। ସେହିପରି ଏମ୍‌ଜିଏନଆରଇଜିଏସ୍‌ରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ନ କରି ସ୍ଥାନୀୟ ସରପଞ୍ଚ ନିଜ ଅନୁଗତଙ୍କୁ ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରଭାରୀ ଯଯାତି ପଟ୍ଟନାୟକ, ପୂର୍ବତନ ସରପଞ୍ଚ ହେମନ୍ତ କୁମାର ଦାସ, ପଞ୍ଚାୟତ ପ୍ରମୁଖ ଉତ୍ତମ ମଲିକ, ସୂର୍ଯ୍ୟକାନ୍ତ ଜେନା, ସୂର୍ଯ୍ୟକାନ୍ତ ଦାସ, ବିଚିତ୍ର ମଲିକ, ଗୟାଧର ମାଝି, କମଳାକାନ୍ତ ବେହୁରିଆ, ସ୍ୱର୍ଣ୍ଣଲତା ଦାସ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### କଳସପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ

ଆଳି, ୨୯।୮ (ବନମାଳୀ ସେନାପତି)

ରାଜ୍ୟରେ ବେକାର ସଂଖ୍ୟା ଅଣାୟତ୍ତ, ସରକାରଙ୍କର ସେଥିପ୍ରତି ଦୃଷ୍ଟି ନାହିଁ। କେନ୍ଦ୍ର ସରକାରଙ୍କ ଯୋଜନାକୁ ପଞ୍ଚାୟତ ସ୍ତରରେ ହରିଲୁଟ କରାଯାଉଥିବାରୁ ଭାଜପା ଏବେ ପଞ୍ଚାୟତ ସ୍ତରରେ ଏହି ଦୁର୍ନୀତି ବିରୋଧରେ ଆରମ୍ଭ କରିଛି ଗଣ ଆନ୍ଦୋଳନ। ମଙ୍ଗଳବାର ଆଳି ବ୍ଲକ କଳସପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମିରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଗଣ ଆନ୍ଦୋଳନରେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରିୟଦର୍ଶନୀ ନନ୍ଦ ପ୍ରମୁଖ ଯୋଗଦେଇ ଦୁର୍ନୀତି ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। ଆଗାମୀ ଦିନରେ ବିଜେଡି ସରକାରକୁ ହଟାଇ ଭାଜପା ସରକାର ଗଢ଼ିବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରମଣି ରାଉତ, ଜଗବନ୍ଧୁ ପାଣ୍ଡବ, ହାଡ଼ିବନ୍ଧୁ ସାହୁ, ଜଗବନ୍ଧୁ ସାହୁ, କାର୍ତ୍ତିକ ମଲ୍ଲିକ, ନିରାକର ସେଠୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ରାଜନଗର ନୂତନ ବ୍ଲକ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ରାଜନଗର, ୨୯।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡିର ନୂତନ ସଭାପତି ନିରଞ୍ଜନ ରାଉତଙ୍କୁ ମଙ୍ଗଳବାର ନୂତନ ବ୍ଲକ ବିଜେଡି ସଭାପତିଙ୍କୁ ୨୯ଟି ପଞ୍ଚାୟତର ଦଳୀୟ ନେତୃମଣ୍ଡଳୀ ସମ୍ବର୍ଦ୍ଧନା ଦେଇଛନ୍ତି। କେସି ହାଉସ୍ ମଣ୍ଡପରେ ଓବିସି ସେଲ୍‌ର ସଭାପତି ତଥା ନିର୍ବାଚନମଣ୍ଡଳୀ ଡିଜିଟାଲ ମିଡିଆ ସଂଯୋଜକ ବିଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ୩୨ ନଂ. ଜୋନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ବାରିକ, କଟକ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା, ଶ୍ରୀକାନ୍ତ କୁମାର ପ୍ରଧାନ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ୩୨ନଂ. ଜୋନ ଡିଜିଟାଲ ମିଡିଆ ସଂଯୋଜକ ରବିନ୍ଦ୍ର ସିଂ, ୩୦ ନଂ. ଜୋନ ଡିଜିଟାଲ ମିଡିଆ ସଂଯୋଜକ ବିଜୟ କୁମାର ଗୁପ୍ତା, ପୂର୍ବତନ ଅଧ୍ୟକ୍ଷ ଜୟୀରାମ ସେଠୀ ପ୍ରମୁଖ ନୂତନ ସଭାପତିଙ୍କୁ ସ୍ୱାଗତ କରିଥିଲେ। ଅପ୍ରତ୍ୟାଶିତ ଘଟଣାକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କୁ ଦଳ ବିରୋଧୀ କାମ ପାଇଁ ପଦବୀରୁ ବରଖାସ୍ତ କରାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ମିଶନଶକ୍ତି ଗୃହ, ଜଳ ନିଷ୍କାସନ, ଶୌଚାଳୟ ଉଦ୍‌ଘାଟନ



ପ୍ରକଳ୍ପର ଉଦ୍‌ଘାଟନ ଲାଗି ବିଧାୟକ ଧ୍ରୁବ ସାହୁ ଶୋଭାଯାତ୍ରାରେ ଯାଉଛନ୍ତି।

ପଟ୍ଟାମୁଣ୍ଡାଇ, ୨୯।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ଆସନ୍ତା ୩୧ ତାରିଖ ସ୍ୱାୟତ ଶାସନ ଦିବସ ପାଳନ ପୂର୍ବରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମଙ୍ଗଳବାର ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧୧ନଂ. ୱାର୍ଡ ସଂଖ୍ୟାଲଘୁ ବସ୍ତି ଓ ଦଳିତବସ୍ତି ଲୋକଙ୍କ କଲ୍ୟାଣ ପାଇଁ ନବନିର୍ମିତ ମିଶନ ଶକ୍ତି ଗୃହ ଓ ଜଳ ନିଷ୍କାସନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେଡି ସଂଖ୍ୟା ଲଘୁ ସେଲ ସମ୍ପାଦିକା କାଉନସିଲର ସାନିଆ ପରମିନ ସାହେବାଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ସଂଖ୍ୟାଲଘୁ ଯୁବସଙ୍ଗଠକ ଏମ.ଡି. ପପୁ, ସେକ ଅବଦୁଲ ବାରି, ସଫିଉଦ୍ଦିନ ଖାଁ, ମୋଇଉଦ୍ଦିନ ଖାଁ, ସେକ ସୁଜାତ ଅଲ୍ଲୀ, ସେକ ତଫୋ, ପୂର୍ବତନ କାଉନସିଲର କେଶବ ସେଠୀ, ନିରଞ୍ଜନ ମାଝି, ପ୍ରଫୁଲ୍ଲ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୌର ପରିଷଦ ଅନ୍ତର୍ଗତ ୧୨ନଂ. ୱାର୍ଡ ବକ୍ତାରପୁରରେ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଧାୟକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୌର ପରିଷଦ ଦ୍ୱାରା ନିର୍ମିତ ଗୋଷ୍ଠୀ ଶୌଚାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୌର ପରିଷଦ ଅଧ୍ୟକ୍ଷ ସାହୁ, ପୌର ନିର୍ବାହୀ ଅଧିକାରୀ ଗିରି, କାଉନସିଲର ଝରଣା ବେହେରା, ସୁଶୀଲ ବେହେରା, ଉପ ସଭାପତି ଗୁଟୁ ମିଶ୍ର, ଦିଗାମ୍ବର ମିଶ୍ର, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପଟ୍ଟାମୁଣ୍ଡାଇ ପୌର ପରିଷଦ

# ଜଳସମ୍ପଦ କାର୍ଯ୍ୟାଳୟ ଘେରିଲେ ଚାଷୀ

## କେନାଲରେ ତୁରନ୍ତ ପାଣି ଛାଡ଼ିବାକୁ ଦାବି

ବାଲିକୁଦା, ୨୯।୮ (ତାପସ ସ୍ୱାଇଁ)

ସ୍ୱଳ୍ପ ବୃଷ୍ଟି ପାତ ଯୋଗୁ ଚଳିତ ବର୍ଷ ବାଲିକୁଦା ବ୍ଲକରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚଳିତ ବର୍ଷ ଯୋଡ଼ା ଶ୍ରାବଣ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇନାହିଁ। ଏଭଳି ପରିସ୍ଥିତିରେ ଶାଖା କେନାଲ ଶୁଖିଲା ପଡ଼ିଛି। ଫଳରେ ଜମି ଫାଟି ଆଁ କରିଛି। ଏହାର ପ୍ରତିବାଦରେ ସଂଗ୍ରାମପୁର ପଞ୍ଚାୟତ କିଛି ଚାଷୀ ମଙ୍ଗଳବାର ବାଲିକୁଦା ଜଳସମ୍ପଦ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜଳାଭାବ ଯୋଗୁ ଯେଉଁ ଜମିରେ ଧାନ ରୁଆଁ ହୋଇଥିଲା ସେ ସବୁ ଶୁଖି ଯାଇଛି। ଖାଲି ସେତିକି ନୁହେଁ ଲୋକେ ହଜାର ହଜାର ଟଙ୍କା ଖର୍ଚ୍ଚ କରି କାଦୁଅ କରିଥିଲେ।



ପାଣି ଅଭାବରୁ ଶୁଖିଲା ପଡିଥିବା ଚାଷଜମି।

ମାତ୍ର ରୁଆଁ ପୂର୍ବରୁ ଜମି ଫାଟି ଆଁ କରିଛି। ଏନେଇ ତୁରନ୍ତ ଉକ୍ତ ଅଞ୍ଚଳକୁ କେନାଲ ପାଣି ଛାଡ଼ିବାକୁ ଦାବି କରିଥିଲେ। ଏସ୍‌ଡିଓ ସିଦ୍ଧାର୍ଥ ଜେନା ବୁଧବାର କେନାଲରେ ପାଣି ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଘେରାଉ ପ୍ରତ୍ୟାହୃତ କରିଥିଲେ। ସେହିପରି ବ୍ଲକର ଥାଇଲୋ କୁଣ୍ଟୁପୁର, ତଣ୍ଡିକୂଳ, ମରିଚପୁର, ବରମୁଣ୍ଡଳି, ବହାରଣା, ଗରାମ ଆଦି ପଞ୍ଚାୟତରେ ମଧ ପାଣି ଅଭାବରୁ ଧାନ ରୁଆ ବେଉଷଣ କାମ ଶେଷ ହୋଇପାରିନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ଡେରାବିଶ, ୨୯।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ନେହେରୁ ଯୁବକେନ୍ଦ୍ର ଓ ନୀଳମଣି ସ୍ପୋର୍ଟ୍ସ ଏକାଡେମୀ ମିଳିତ ଉଦ୍ୟମରେ ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଏକାଡେମୀ ପରିସରରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏକାଡେମୀର ପ୍ରତିଷ୍ଠାତା ଓ ପ୍ରଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଗ୍ରାମାଞ୍ଚଳର ବରିଷ୍ଠ କ୍ରୀଡ଼ାବିତ୍ ଅଭିମନ୍ୟୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ପଢ଼ା ସହିତ ସୁନ୍ଦର ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ବ୍ରଜକିଶୋର ସାହୁ, କ୍ରୀଡ଼ାବିତ୍ ବାନାମ୍ବର ଜେନା ଓ ରଞ୍ଜନ ସାମଲ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ସହିତ ନିୟମିତ କ୍ରୀଡ଼ାର ଆବଶ୍ୟକତା ଅଧିକ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ନେହେରୁ ଯୁବ କେନ୍ଦ୍ରର ବ୍ଲକ ସଂଯୋଜକ ଭବାନୀ ଶଙ୍କର ହୋତା ଓ ଅନ୍ୟତମ ବକ୍ତା ଭାବେ ଅଳକା ରାଉତ ଯୋଗଦେଇ କ୍ରୀଡ଼ା କେବଳ ସ୍ୱାସ୍ଥ୍ୟ ଗଠନରେ ନୁହେଁ ବନ୍ଧୁତା ସ୍ଥାପନ କରିବା ସହିତ କ୍ରୀଡ଼ାବିତ୍‌ଙ୍କଠାରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବା ସହ ଶୃଙ୍ଖଳିତ ମଧ୍ୟ କରିଥାଏ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ଏକାଡେମୀର ୧୦୦ରୁ ଉର୍ଦ୍ଧ୍ୱ ଖେଳାଳି ଉପସ୍ଥିତ ରହିଥିଲେ। ଶେଷରେ ନେହେରୁ ଯୁବକେନ୍ଦ୍ର ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଜାତୀୟ କ୍ରୀଡା ଦିବସ ପାଳିତ




ପିଲାଙ୍କ ଗହଣରେ ଅତିଥିମାନେ।

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡା ଦିବସ ରୂପେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପାଳନ କରାଯାଇଛି। ଏଥିପାଇଁ ଜିଲା କ୍ରୀଡା ବିଭାଗ ପକ୍ଷରୁ ସାଇକେଲ ରାଲି ଅନୁଷ୍ଠିତ ହେବା ସହ ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲୋଚନାଚକ୍ର କାର୍ଯ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା। ସାଇକେଲ ରାଲିକୁ ଏଡିଏମ୍ ନିଲୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସେହିପରି ସଭାକକ୍ଷରେ ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶକୁ କ୍ରୀଡାବିତମାନେ ଅନୁସରଣ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏଥିରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ସହଯୋଗ କରିଥିଲେ।

# ଓଡ଼ିଶା ସାମ୍ବାଦିକ ସଂଘର ବୈଠକ



ପଟ୍ଟାମୁଣ୍ଡାଇଠାରେ ଓଡ଼ିଶା ସାମ୍ବାଦିକ ସଂଘର ସଦସ୍ୟ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୨୯।୮ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପଠାରେ ମଙ୍ଗଳବାର ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଦୈତାରୀ ଜେନା, ଜିଲା ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡ଼ା ଜିଲା ଉପଦେଷ୍ଟା ଜଗନ୍ନାଥ ଧଳ, ରାଜ୍ୟ ସମ୍ପାଦକ ଶିବାଶିଷ ମହାନ୍ତି, ନିରଞ୍ଜନ ପରିଡା, ସହସମ୍ପାଦକ ସଞ୍ଜୟ ପଣ୍ଡା, ବ୍ଲକ ସଭାପତି ପ୍ରଦୋଷ ବିଶ୍ୱାଳ, ଲକ୍ଷ୍ମୀଧର ବାରିକ, ଅକ୍ଷୟ ବିଶ୍ୱାଳ, ଉପେନ୍ଦ୍ର ନାୟକ, ହେମନ୍ତ ମାଝି, ପ୍ରବୀର ନାୟକ, ଧୀରେନ୍ଦ୍ର ମଲିକ, ସୁଧାଂଶୁ ତ୍ରିପାଠୀ, ସଞ୍ଜୟ ବାରିକ, ରମାକାନ୍ତ ତ୍ରିପାଠୀ, ବଳରାମ ମଲିକ, ଶ୍ରୀକାନ୍ତ କୁମାର ଦାସ, ନରେନ୍ଦ୍ର ଧଳ, ସୁଶାନ୍ତ କର, ଉମାକାନ୍ତ ତ୍ରିପାଠୀ, ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ଯୋଗଦେଇ ସଂଘ ବିଷୟରେ ଆଲୋଚନା କରିଥିଲେ। ତେବେ ଆଗାମୀ ଦିନରେ ସଂଘକୁ କିଭଳି ଭାବେ ମଜଭୁତ କରାଯାଇପାରିବ ଏବଂ ଜିଲାସ୍ତରୀୟ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ସମସ୍ୟାରେ କଳାକାର, ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର କଳାକାରମାନେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକଳାପ ପାଇଁ ସମସ୍ୟାରେ ଅଛନ୍ତି। ଜିଲା କଳା, ସାହିତ୍ୟ ଓ ସଂସ୍କୃତି ସଂଘର କର୍ମକର୍ତ୍ତାମାନେ ଏପରି ଅଭିଯୋଗ ଆଣି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ପତ୍ର ଉପଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଭାପତି ସୁବ୍ରତ ରାଉତ କହିଛନ୍ତି, ଗତ ୨୩ତାରିଖରେ ରାଜ୍ୟସ୍ତରୀୟ ସଂଶାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଳା ସହ ସମ୍ପୃକ୍ତି ନ ଥିବା ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମନୋନୀତ କରି ପଠାଯାଇଥିଲା। କଳାକାରମାନଙ୍କୁ ଭତ୍ତା ଅର୍ଥ ପ୍ରଦାନ ନ କରିବା, ଜୁନ ୧୪ ଲୋକକଳା ଦିବସରେ ଜିଲାର ୯ ବ୍ଲକ ମଧ୍ୟରୁ ମାତ୍ର ୨ଟିରେ ପାଳନ କରିବା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅବହେଳା କରିବା, ଭାଗବତ ଟୁଙ୍ଗି ଅନୁଦାନ ନ ଦେବା ଆଦି ସମସ୍ୟାରେ କଳାକାରଙ୍କ ଆର୍ଥିକ ଓ ସାମାଜିକ ପ୍ରତିପତିରେ ଆଞ୍ଚ ଆଣିଛି। ଅଭିଯୋଗଗୁଡ଼ିକୁ ଶୀଘ୍ର ସମାଧାନ ନ ହେଲେ କଳାକାରମାନେ ଆନ୍ଦୋଳନ କରିବେ ବୋଲି ସଭାପତି ରାଉତ କହିଛନ୍ତି। ଦାବିପତ୍ର ପ୍ରଦାନ କେବେ ସମ୍ପାଦକ ନିରାକାର ମହାରଣା, କର୍ମକର୍ତ୍ତା ସବିତା ଦେହୁରୀ, ପ୍ରଫୁଲ୍ଲ କୁମାର ପଣ୍ଡା, ରବୀନ୍ଦ୍ର ମହାରଣାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କଳାକାର ସାମିଲ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କଲେ ପୌରାଧ୍ୟକ୍ଷା

ଜଗତ୍‌ସିଂହପୁର, ୨୯।୮ (ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ପରି ଚଳିତବର୍ଷ ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଉଦ୍‌ଘାଟନୀ ପର୍ବ ଚାଲିଛି। ଏହି ଅନୁଯାୟୀ ମଙ୍ଗଳବାର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରଥମେ ୧୨ନଂ. ୱାର୍ଡ ଅନ୍ତର୍ଗତ ଗାଲୁପଡ଼ା ବିଶ୍ୱାଳ ସାହି ରାସ୍ତାର ଶୁଭ ଉଦ୍‌ଘାଟନ କରିଥିଲେ। ତା'ପରେ ସୁବର୍ଣ୍ଣ ବରାହୀ ମନ୍ଦିର ପ୍ରାଙ୍ଗଣର ଉନ୍ନତି, ମାଣିଆ ସାହି ରାସ୍ତା, ଦେଭୋଗ ଶ୍ମଶାନ ଗୃହ, ଦେଉଳିଗ୍ରାମେଶ୍ୱର ଶ୍ମଶାନ ଗୃହ, ଦେଉଳିଗ୍ରାମେଶ୍ୱର କାଜି ମହଲା ପ୍ରାଚୀର ସମେତ ବିଭିନ୍ନ ୱାର୍ଡରେ ନୂତନ ରାସ୍ତାର ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ସହକାରୀ ଯନ୍ତ୍ରୀ ଭାସ୍କର ପ୍ରସାଦ ଶତପଥୀ, କନିଷ୍ଠ ଯନ୍ତ୍ରୀ ଦେବବ୍ରତ ମିଶ୍ର, ପାରିଷଦ ମିଲ୍ଲୀ ସେଠୀ, ଧିରା ଦାଶ, ସାଗରିକା ଦାସ, ଜଗଦାନନ୍ଦ ପଡ଼ିହାରୀ, ସବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଅନ୍ୟମାନେ।

# ଅର୍ବାନ ଫୁଟ୍‌ବଲ କ୍ଲବ ଚାମ୍ପିୟନ

## ପ୍ରଥମ ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍

ରାଜକନିକା, ୨୯।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଆର୍.ଏନ୍.ହାଇସ୍କୁଲ ମିନି ଷ୍ଟାଡିୟମଠାରେ ୮ ତାରିଖରୁ ଆରମ୍ଭ ହୋଇଥିବା ପ୍ରଥମ ପ୍ରିମିୟର ଫୁଟବଲ ଲିଗ-୨୦୨୩ର ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କନିକା ଟାଇଟନିକ୍ସ ଫୁଟବଲ କ୍ଲବକୁ ଅର୍ବାନ୍ ଫୁଟବଲ କ୍ଲବ ଭେଟିଥିଲା। ୧-୦ ଗୋଲ ବ୍ୟବଧାନରେ ଅର୍ବାନ ଫୁଟବଲ କ୍ଲବ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନର ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ। ମନ୍ତ୍ରୀ ଦେବ ଫୁଟବଲର ଅନ୍ତୁଡିଶାଳ କହିଲେ, ରାଜକନିକାକୁ ବୁଝାଏ ବୋଲି କହିବା ସହ ଏଭଳି ଗ୍ରାମାଞ୍ଚଳରେ ସ୍ପୋର୍ଟସ ପ୍ରତିଭାମାନଙ୍କୁ ଆଗକୁ ନେବାରେ ଆସୋସିଏଶନର ଭୂମିକାକୁ ପ୍ରଶଂସା କରଥିଲେ। ଚାମ୍ପିୟନ ଅର୍ବାନ ଫୁଟବଲ




ମନ୍ତ୍ରୀ ପ୍ରଦାପ କେଶରୀ ଦେବ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

କ୍ଲବକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ୨୭ ନଂ. ଜୋନ ଜିଲା ପରିଷଦ ସଭ୍ୟା ପ୍ରବୀଣା ଦାସ ଯୋଗଦେଇ ଖେଳାଳିମାନଙ୍କ ପରିଶ୍ରମ ବୃଥା ଯାଏ ନାହିଁ ବୋଲି ମତରଖି ରନର୍ସଅପ୍ ଟିମ କନିକା ଟାଇଟନିକ୍ସ ଫୁଟବଲ କ୍ଲବକୁ ଟ୍ରଫି ସହ ୩୦ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ୩ୟ ଓ ୪ର୍ଥ ଟିମ ଭାବେ ଅତିଥିମାନେ ଯଥାକ୍ରମେ କନିକା ୱାରିୟର୍ସ ଟିମ୍‌କୁ ୨୦ ହଜାର ଓ ଏଏସ୍‌ଏମ୍ ଟିମ୍‌କୁ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅସୋସିଏସନର ଉପ ସଭାପତି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଯୁଗ୍ମ ସମ୍ପାଦକ ଡ. ଫକୀର ଚରଣ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ସଞ୍ଜୟ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅର୍ବାନ ଫୁଟବଲ କ୍ଲବର ଜର୍ସି ନଂ.୯ ପ୍ରତାପ କୁମାର ସାମଲ ହୋଇଥିବା ବେଳେ, ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଟାଇଟନିକ୍ସ ଟିମର ଜର୍ସି ନଂ.୧୦ ଦୀନେଶ ତରାଇଙ୍କୁ ଘୋଷଣା କରାଯାଇଥିଲା। ମ୍ୟାଚ ରେଫ୍ରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ ଥିବା ବେଳେ, ପ୍ରତାପ କୁମାର ମହାନ୍ତି, ଶରତ କୁମାର ଜେନା ପ୍ରମୁଖ ଲାଇନ୍ସରେ ସହଯୋଗ କରିଥିଲେ। ୪ର୍ଥ ଅଫିସିଆଲ୍ସ ଭାବେ ଅରୁଣ କୁମାର ବାରିକ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ କମିଶନର ଭାବେ ପର୍ଶୁରାମ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ବରିଷ୍ଠ ସଭ୍ୟ ଗୋଲକ ବିହାରୀ ମଲ୍ଲିକ, ବେଣୁଧର ପରିଡା, ଅସୋସିଏଶନର ସମ୍ପାଦକ ଶିବପ୍ରସାଦ ମଲ୍ଲିକ, ମିଡିଆସେଲ ସମ୍ପାଦକ ଅଜୟ କୁମାର ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ଅଧ୍ୟାପକ ମିର୍ଜ୍ଜା ଇବ୍ରାହିମ ବେଗ୍, ପ୍ରକାଶ ସେନାପତିଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସର ନିର୍ବାଚନୀ ରଣନୀତି ଆରମ୍ଭ

ପୁରୁଷୋତ୍ତମପୁର, ୨୯।୮
(ସିମାଞ୍ଚଳ ମିଶ୍ର)

ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୁଷୋତ୍ତମପୁର ବ୍ଲକ ଏବଂ ନଗର କଂଗ୍ରେସ ପକ୍ଷରୁ ଏକ ବୈଠକ ତାରାତାରିଣୀଙ୍କ ପୀଠରେ ଜିଲା ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ ପୌରହିତ୍ୟ କରିଥିବା ବେଳେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ରହିଥିବା ପୁରୁଷୋତ୍ତମପୁର ବ୍ଲକର ୧୫ ପଞ୍ଚାୟତ ଏବଂ ଏନ୍ଏସିର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ଲାଗି ରଣନିତି ଆରମ୍ଭ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳକୁ ପୁଣି କ୍ଷମତାକୁ ଆଣିବାଲାଗି ସାଙ୍ଗଠନିକ ସ୍ଥିତିକୁ ସୁଦୃଢ କରିବା ସକାଶେ ବିଭିନ୍ନ ଆଲୋଚନା ମାନ କରାଯାଇଥିଲା। ଏଥିରେ ପ୍ରଦିପ ମହାରଣା, ଭାଗିରଥି ଗୌଡ, ଟୁକୁନା ବେହେରା, ସଞ୍ଜୟ ମଳିକ, ସୁସାନ୍ତ ଗୌଡ ନବରଙ୍ଗି ବେହେରା, ପର୍ଷ୍ଣୁ ବେହେରା, ପବିତ୍ର ସେଠି, ମନୋଜ ରାଉଳ, ଦିବାକର ସାହୁ, ଆସିସ ତ୍ରିପାଠି, ଦିଗାମ୍ବର ମୁଦୁଲି, ରାମ ପାଢୀ, ରାମକୃଷ୍ଣ ମହାନ୍ତି, ରାମ ବେହେରାଙ୍କ ସମେତ ବହୁ ଦଳିୟନେତାମାନେ ଯୋଗ ଦେଇଥିଲେ।

### ଆଇନଜୀବୀଙ୍କ ବିୟୋଗରେ ଶୋକ

କୋଦଳା, ୨୯।୮
(ଅମିତ କୁମାର ପଟ୍ଟନାୟକ)

କୋଦଳା ଓକିଲ ସଂଘର ବରିଷ୍ଠ ତଥା ନୋଟାରୀ ଆଇନଜୀବୀ ଦିବାକର ସାହୁଙ୍କ ମଙ୍ଗଳବାର ପରଲୋକ ଘଟିଛି। ସୋମବାର ରାତିରେ ସ୍ୱାସ୍ଥ୍ୟରେ ଅବନୀତି ଘଟିବାରୁ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗ ପରେ କୋଦଳା ବିଚାରାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗୋଛାୟତ, ସବଜଜ୍ ବନାଲି ତ୍ରିପାଠୀ, ପ୍ରଥମଶ୍ରେଣୀ ବିଚାରପତି ବିମଳା ଲକ୍ଷ୍ମୀ ଚୌଧୁରୀ, ଓକିଲ ସଂଘ ଉପସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ଉଦୟନାଥ ପ୍ରଧାନ, ଭଗବାନ ହୋତା, ତାରିଣୀ ଚରଣ ପଟ୍ଟନାୟକ, ଶୁଭ୍ରମଣି ଦାସ, ମାନସ ରଞ୍ଜନ ମିଶ୍ର, ସୋମନାଥ ବେହେରା, ହରପ୍ରସାଦ ସାହୁ, ଭାସ୍କର ସ୍ୱାଇଁଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ।

### ବିଜେଡି ନେତାଙ୍କ ପରଲୋକ

କବିସୂର୍ଯ୍ୟନଗର, ୨୮।୮ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରର ବରିଷ୍ଠ ବିଜେଡି ନେତା ଭକ୍ତ ଚରଣ ନାୟକ (୬୧)ଙ୍କ ସୋମବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ଭକ୍ତ ସିପିଆଇ ରାଜନୀତି ଜୀବନ ଆରମ୍ଭ କରି ଦୀର୍ଘ ୩୦ବର୍ଷ ପ୍ରତ୍ୟକ୍ଷ ରାଜନୀତିରେ ରହିବା ସହ ବହୁ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦିତ କରିଛନ୍ତି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ସୀତାରାମ ପାଣିଗ୍ରାହୀ, ପ୍ରାକ୍ତନ କୋଦଳା ଏନଏସି ଅଧ୍ୟକ୍ଷ ହରପ୍ରସାଦ ସାହୁ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ, ମନୋରଞ୍ଜନ ମହାପାତ୍ର, ଅରୁଣ ପଣ୍ଡା, ବ୍ଲକ ଉପାଦକ୍ଷ ବୀରେନ୍ଦ୍ର ଖଟେଇ, ସମସ୍ତ କାଉନସିଲର ଓ ବହୁ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ବ୍ରାହ୍ମଣୀଗାଁ ଶତାୟୁ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୯।୮
(ଅରୁଣ ସାହୁ/ମନୋରଞ୍ଜନ ରଣା)


ଅଧାପନ୍ତରିଆ ଗୃହ।

- ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା କୋଠା ନିର୍ମାଣରେ ବିଳମ୍ବ
- ଗୋଟିଏ ଶ୍ରେଣୀରେ ପଢ଼ାଉଛନ୍ତି ୨ ଶିକ୍ଷୟିତ୍ରୀ

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁଠାରେ ରହିଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ଯୋଗୁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ୧୯୧୮ରେ ସ୍ଥାପନ କରାଯାଇଥିବା ସର୍ବ ପୁରାତନ ବିଦ୍ୟାଳୟ ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବାଧକ ସାଜୁଛି। ଉକ୍ତ ବିଦ୍ୟାଳୟ ପୂର୍ବରୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଗତ ୩ ବର୍ଷ ହେଲା ତାହା ପ୍ରକଳ୍ପ କାଟିଦିଆଯାଇ କେବଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯାଇଛ। କାଗଜପତ୍ରରେ ବିକାଶ ହୋଇଥିଲେ ସୁଦ୍ଧା ବାସ୍ତବରେ ବିଦ୍ୟାଳୟର ଉନ୍ନତି କିଛି ହୋଇପାରିନି। ଶତାୟୁ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଥିବା ବେଳେ ଶ୍ରେଣୀକୋଠାର ଅଭାବ ପାଇଁ କେବଳ ସପ୍ତମ ପର୍ଯ୍ୟନ୍ତ ୧୯୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗୋଟିଏ ଶ୍ରେଣୀଗୃହରେ ଦୁଇ ଦୁଇଟି ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଥିବା ବେଳେ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର ବାରଣ୍ଡାରେ ପଢୁଛନ୍ତି। ସେହିପରି କାର୍ଯ୍ୟାଳୟ ନ ଥିବାରୁ ଛାତ୍ରାବାସ ବାରଣ୍ଡାରେ ଚାଲିଛି କାର୍ଯ୍ୟାଳୟ। ରାଜ୍ୟ ସରକାରଙ୍କ ଏମ୍ପି ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଅନୁଦାନ ଆସିଥିବା ବେଳେ ଦୀର୍ଘ ୮ ମାସ ହେଲା ଅଧାପନ୍ତରିଆ ହୋଇ କୋଠା ନିର୍ମାଣ କାର୍ଯ୍ୟ ରହିଛି। ସେହିପରି ପ୍ରାୟ ୩୫ ଲକ୍ଷ ଟଙ୍କା ବିନିମୟରେ ବିଦ୍ୟାଳୟର ନୂତନ କୋଠା ସହ ରୂପାନ୍ତରଣ କାର୍ଯ୍ୟ କରାଯିବାକୁ ପୁରୁଣା ଭଙ୍ଗା ଶ୍ରେଣୀକୋଠାକୁ ସମ୍ପୂର୍ଣ୍ଣ ଭଙ୍ଗାଗଲା କିନ୍ତୁ ସେଠି ନୂତନ କୋଠା ଆରମ୍ଭ କରାଯିବାରେ ଅହେତୁକ ବିଳମ୍ବ ଯୋଗୁ ବିଦ୍ୟାଳୟରେ ବହୁ ସମସ୍ୟା ଦେଖାଯାଇଛି। ସେହିପରି ପାଚେରି ନ ଥିବାରୁ ପିଲାଙ୍କ ସୁରକ୍ଷା ପ୍ରତି ସମସ୍ୟା ଦେଖାଯିବା ସହ ଛାତ୍ରାବାସରେ ପନିପରିବା କରାଯାଇଥିବା ଗଛ ଗୁଡିକୁ ଗାଈ ନଷ୍ଟ କରିଛନ୍ତି। ଲାଇବ୍ରେରୀ ପାଇଁ ସ୍ୱତନ୍ତ୍ର କୋଠା ସମେତ ବିଜ୍ଞାନ କକ୍ଷ, କମ୍ପ୍ୟୁଟର, ଖେଳକୁଦ ପାଇଁ ପଡିଆ, ସ୍ମାର୍ଟ କ୍ଲାସ ରୁମ ଆଦି ବ୍ୟବସ୍ଥା କରାଗଲେ ଆମେ ଭଲ ପାଠ ପଢ଼ିପାରିବୁ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକମୁନି ଦିଗାଲ କହିଛନ୍ତି, ବହୁ ପୁରାତନ ବିଦ୍ୟାଳୟ ହୋଇଥିବା ବେଳେ ଏହାର ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନରେ ବିଦ୍ୟାଳୟ ରୂପାନ୍ତରଣ କରାଯିବାକୁ ରହିଥିବା ବେଳେ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଅହେତୁକ ଅବହେଳା ପାଇଁ ବିଦ୍ୟାଳୟରେ ଦୁରବସ୍ଥା ସୃଷ୍ଟି ହୋଇଛି। ଶୀଘ୍ର କାର୍ଯ୍ୟ ଶେଷ କରାଯିବାକୁ ପ୍ରଶାସନକୁ ନିବେଦନ କରାଯାଇଥିବା ସେ କହିଛନ୍ତି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଗଣେଶ ଡାକୁଆ କହିଛନ୍ତି, ବିଦ୍ୟାଳୟ ପରିସରରେ କୋଠା କାର୍ଯ୍ୟ ଓ ରୂପାନ୍ତରଣ କରାଯିବାକୁ ଅନୁଦାନ ଥାଇ କାର୍ଯ୍ୟ କାହିଁକି ବିଳମ୍ବ କରାଯାଉଛି ବୋଲି କହିଥିବା ବେଳେ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ରଙ୍କୁ ଅଭିଯୋଗ କଲାପରେ ମଧ୍ୟ ରୂପାନ୍ତରଣ କାର୍ଯ୍ୟ ବିଳମ୍ବ ହେଉଥିବା ସେ କହିଛନ୍ତି। ଏ ନେଇ ବିଡିଓ କହିଛନ୍ତି ଯେ ଏମ୍ସିଏଲ (ମହାନଦୀ କୋଲଫିଲଡ୍ସ ଲିମିଟେଡ୍) ଓ ମୋ ସ୍କୁଲ ପକ୍ଷରୁ ଅନୁଦାନ ରହିଛି। ଠିକାଦାର ଅବହେଳା ରହିଥିବାରୁ ଶୀଘ୍ର ଅନ୍ୟ ପଦକ୍ଷେପ ନେଇ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

### ସ୍ୱାୟତ୍ତ ଶାସନ ଦିବସ ପାଇଁ ନୃତ୍ୟ ପ୍ରତିଯୋଗିତା

ଗଞ୍ଜାମ, ୨୯।୮ (ବିଦ୍ୟାଧର ସାହୁ)

ଆସନ୍ତା ୩୧ ତାରିଖରେ ଗଞ୍ଜାମ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ଏନଏସି ପକ୍ଷରୁ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନଏସି ଇଓ ଅବିନାଶ ମିଶ୍ର ଏହି ନୃତ୍ୟ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ଯୁବ ଆଇନଜୀବୀ ପଙ୍କଜ କୁମାର ବାରିକି ଏବଂ ନିର୍ଦ୍ଦେଶିକା ଗୀତାଞ୍ଜଳି ସ୍ୱାଇଁ ଉପସ୍ଥିତ ଥିଲେ। ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ଏନଏସି ଗୋଷ୍ଠୀ ସାଙ୍ଗଠିକା ସ୍ୱପ୍ନା ରାଣୀ ମହାପାତ୍ର, ସିଏମଏମ ଭାଗ୍ୟଶ୍ରୀ ନାୟକ, କମଳାକାନ୍ତ, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁ ପ୍ରିୟା ସାବତ, ସାନିଟେସନ ଏକ୍ସପର୍ଟ ସୁମିତ ବେହେରା, ମୁକ୍ତା ଅଧିକାରୀ ଚିନ୍ମୟ ପୃଷ୍ଟି, ଅଜୟ ପଣ୍ଡା, ଟିଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଏନଏସି ପକ୍ଷରୁ କୁହାଯାଇଛି।

## ଗଞ୍ଜାମ ଏନ୍ଏସି: ମୁକ୍ତା ଯୋଜନାର ସମୀକ୍ଷା କଲେ ରାଜ୍ୟ ଉପଦେଷ୍ଟା

ଗଞ୍ଜାମ, ୨୯।୮ (ବିଦ୍ୟାଧର ସାହୁ)


ବୈଠକରେ ଉପସ୍ଥିତ ଅତିଥି।

ଗଞ୍ଜାମ ଏନ୍ଏସି ସଭା ଗୃହଠାରେ ମୁକ୍ତା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଜେଡି ଜିଲା ଛାତ୍ର ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ମୁକ୍ତା ଯୋଜନା ରାଜ୍ୟ ଉପଦେଷ୍ଟା ଇସ୍ପିତା ସାହୁ, ଏନ୍ଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଏନ୍ଏସି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, କାଉନସିଲର ପୁରୁଷୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ୱାର୍ଡର ମହିଳା ଗୋଷ୍ଠୀଙ୍କୁ ମୁକ୍ତା ଯୋଜନା ଓ ଏହାର କାର୍ଯ୍ୟ ସମ୍ପର୍କରେ ରାଜ୍ୟ ଉପଦେଷ୍ଟା ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ଏନ୍ଏସି ଗୋଷ୍ଠୀ ସାଙ୍ଗଠିକା ସ୍ୱପ୍ନାରାଣୀ ମହାପାତ୍ର, ସିଏମଏମ ଭାଗ୍ୟଶ୍ରୀ ନାୟକ, କମଳାକାନ୍ତ ଦାସ, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁ ପ୍ରିୟା ସାବତ, ସାନିଟେସନ ଏକ୍ସପଟ ସୁମିତ୍ ବେହେରା, ମୁକ୍ତା ଅଧିକାରୀ ଚିନ୍ମୟ ପୃଷ୍ଟି, ଅଜୟ ପଣ୍ଡା, ଟିଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଏନଏସି ପକ୍ଷରୁ କୁହାଯାଇଛି।

## ସରକାରୀ ସହାୟତା ପାଇଁ ଦିବ୍ୟାଙ୍ଗ ଯୁବକଙ୍କ ଦାବି

ଧରାକୋଟ, ୨୯।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଦିବ୍ୟାଙ୍ଗମାନଙ୍କୁ ଆତ୍ମନିର୍ଭରଶୀଳ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରକାରର ଯୋଜନା ହେଉଛି। ହେଲେ ଏହାର ସୁଫଳ କିଛି ଦିବ୍ୟାଙ୍ଗ ପାଉଥିବା ବେଳେ ଆଉ କିଛି ଏଥିରୁ ବଞ୍ଚିତ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ଧରାକୋଟ ବ୍ଲକ ଅନ୍ତର୍ଗତ ବରଡାବିଲି ପଞ୍ଚାୟତର ଭରତପଲି ଗ୍ରାମର ସବିତା ଗୌଡ଼ ଓ ଗୁରା ଗୌଡ଼ଙ୍କର ପୁଅ ରାଜେନ୍ଦ୍ର ଗୌଡ଼। ତିନି ଭାଇ ଓ ଜଣେ ଭଉଣୀଙ୍କୁ ନେଇ ତାଙ୍କର ପରିବାର। ଜନ୍ମରୁ ରାଜେନ୍ଦ୍ର(୨୮)ଙ୍କର ବାମପଟ ହାତ କହୁଣି ପର୍ଯ୍ୟନ୍ତ ଅଛି। ପାଠ ବେଶି ପଢ଼ି ନ ଥିଲେ ମଧ୍ୟ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ସହ ବଳକା ସମୟରେ ବାଇକ ଚଳାଇ ପନିପରିବା ବିକ୍ରି କରିବା ସହ ବେଳେ ବେଳେ ବରା, ପକୁଡ଼ି, ଚାଟ ଗାଁକୁ ଗାଁ ବୁଲି ବିକ୍ରି କରି ନିଜେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସରକାରୀ ସହାୟତା କହିଲେ ମାସକୁ ମାତ୍ର ୭୦୦ ଟଙ୍କା ଭତ୍ତା ମିଳୁଛି। ପରିବାର ସହ ତାଙ୍କର ନାମ ରାଶନ କାର୍ଡରେ ରହିଛି। ହେଲେ ଆବାସ ଯୋଜନାରେ ତାଙ୍କ ନାମ ରହିଥିଲେ ମଧ୍ୟ ତଦନ୍ତ କରୁଥିବା ଅଧିକାରୀ ତାଙ୍କ ନାମ କାଟିଦେଇଥିବା ସେ ଅଭିଯୋଗ କରିଛନ୍ତି। ଅବିବାହିତ ହୋଇଥିଲେ ମଧ୍ୟ ପରିବାର ପ୍ରତିପୋଷଣ ପାଇଁ ଅଧିକ ରୋଜଗାର ଉଦ୍ଦେଶ୍ୟରେ ଋଣ ଲାଗି ବ୍ୟାଙ୍କକୁ ଦୌଡୁଥିଲେ ମଧ୍ୟ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ସରକାରୀ ସହାୟତା ପାଇଁ କର୍ମଚାରୀମାନେ ଆନ୍ତରିକତା ଦେଖାଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

ଛତ୍ରପୁର, ୨୯।୮ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନ ଠାରେ ମଙ୍ଗଳବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ ବାବୁ ପାତ୍ର, ଭାରପ୍ରାପ୍ତ ଶ୍ରମ ଅଧିକାରୀ ବି.ହୃଷିକେଶ ରାଓ, ଅତିରିକ୍ତ ଶ୍ରମ ଅଧିକାରୀ ରଶ୍ମି ରେଖା ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷାଗତ ସହାୟତା ଲାଗି ୪୦୮ ହିତାଧିକାରୀଙ୍କୁ ୨୧ ଲକ୍ଷ ୬୧ ହଜାର ୮୦୦ ଟଙ୍କା, ବିବାହ ସହାୟତା ପାଇଁ ୧୭୭ ଜଣଙ୍କୁ ୫୬ ଲକ୍ଷ ୫୦ ହଜାର ଟଙ୍କା, ଗର୍ଭବତୀ ୫ ଜଣଙ୍କୁ ୫୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ପାଇଁ ୪୦ ଜଣଙ୍କୁ ୬୯ ଲକ୍ଷ ୮ ହଜାର ଟଙ୍କା, ମୃତ୍ୟୁକାଳୀନ ଶୁଦ୍ଧି କାର୍ଯ୍ୟ ପାଇଁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହ ୧୦୦ ଜଣ ନୂତନ ନିର୍ମାଣ ଶ୍ରମିକଙ୍କୁ କାର୍ଡ ବଣ୍ଟାଯାଇଥିଲା।

### ନବମ ବାର୍ଷିକ କୁଇ କ୍ଲାମ୍ପ ଫୁଟବଲ ପ୍ରତିଯୋଗିତା

ଫିରିଙ୍ଗିଆ, ୨୯।୮ (ବିକ୍ରମ ଦିଗାଲ)– ଫିରିଙ୍ଗିଆ ବ୍ଲକ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ବାର ବ୍ଲକର କୁଇ କ୍ଲାମ୍ପ ଫୁଟବଲ ପ୍ରତିଯୋଗିତା ଉଦ୍ଘାଟିତ ହୋଇଛି। କନ୍ଧମାଳ ବନବାସୀ କଲ୍ୟାଣ ଆଶ୍ରମ ଦ୍ୱାରା ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତାର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଜନଜାତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ କନ୍ଧମାଳର ଅଧ୍ୟକ୍ଷ ରୋଦନ ମଳିକ, କୁଇ ସାମାଜ ଶେବା ସମିତି ସଭାପତି ସୁଦର୍ଶନ କହଁର, ଜନଜାତି ସମବାୟ ଓ ବାଣିଜ୍ୟ ଓ ଉନ୍ନୟନ ମହାସଂଘ ଭାରତ ସରକାରଙ୍କ ଉପସଭାପତି ତଥା କନ୍ଧମାଳ ଜିଲା କ୍ଲାମ୍ପ ସଂଯୋଜକ ପବିତ୍ର କହଁର, ବନବାସୀ କଲ୍ୟାଣ ଅଶ୍ରମର ଉପସଭାପତି ଦିଲପ କହଁର, ବନବାସୀ କଲ୍ୟାଣ ଅଶ୍ରମର କ୍ରିଡା ପ୍ରମୁଖ କାମେଶ୍ୱର କହଁର, କୁଇ କ୍ଲାମ୍ପ କନ୍ଧମାଳ ଜିଲା ସଂଯୋଜକ ବାଳକୃଷ୍ଣ ପ୍ରଧାନ, ହିତରକ୍ଷା ପ୍ରମୁଖ ବସନ୍ତ ପ୍ରଧାନ, ଧର୍ମପ୍ରଚାରକ ଚିନ୍ତାମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

### ବରିଷ୍ଠ ଭାଜପା ନେତାଙ୍କ ବିୟୋଗ



କାଶୀନଗର, ୨୯।୮ (ଟି.କ୍ରିଷ୍ଣାରାଓ)

କାଶୀନଗର ଏନ୍ଏସିର ବରିଷ୍ଠ ଭାଜପା ନେତା କୋରିକାନା ମୁକୁନ୍ଦ ରାଓ (୭୦)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ବିୟୋଗ ହୋଇଛି। ସ୍ଥାନୀୟ ମାଜଳାସାହିସ୍ଥିତ ବାସଭବନରେ ହଠାତ ସେ ଅସୁସ୍ଥ ହୋଇପଡିବାରୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଓ ଏକାଧିକବାର ଏମ୍ପି ପ୍ରତିନିଧି, ବିଧାୟକ ପ୍ରତିନିଧି ଓ କାଉନସିଲର ରହିବା ସହ ୨ଥର ଏନଏସି ଉପାଧ୍ୟକ୍ଷ ହୋଇଥିଲେ। ସେ ସ୍ଥାନୀୟ କୃଷି ସମବାୟ ସମିତିର ନିର୍ଦ୍ଦେଶକ ଏବଂ ଭାଜପାର ଜିଲା ସାଧାରଣ ସମ୍ପାଦକ ରହିଥିଲେ। କାଶୀନଗର ଆୟାପ୍ପା ମନ୍ଦିର ନିର୍ମାଣରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ଥିଲା। ରାଓଙ୍କ ବିୟୋଗରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତା ଓ କର୍ମୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସମସ୍ୟା ନେଇ ଭାଜପାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ


ଭାଜପା ନେତା ଓ କର୍ମୀମାନେ।

ଦାରିଙ୍ଗବାଡି, ୨୯।୮ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ପର୍ଡ଼ମାହା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଉକ୍ତ ପଞ୍ଚାୟତ ଅଞ୍ଚଳର ଦୁର୍ଗମ ଗ୍ରାମଗୁଡିକରେ ପିଇବାପାଣିର ସମସ୍ୟା ସମେତ ପଞ୍ଚାୟତ ଅଞ୍ଚଳରେ ହେଉଥିବା ଦୁର୍ନୀତି ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ ମଣ୍ଡଳ ସଭାପତି ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଏକ ବୈଠକ କରାଯାଇଥିଲା, ପରେ ବିଶାଳ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ଘେରିବା ସହ ବିକ୍ଷୋଭ କରାଯିବା ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଣ୍ଡଳ ସଭାପତିଙ୍କ ସମେତ ଜିଲା ଓବିସି ମୋର୍ଚ୍ଚା ସଭାପତି ହରେନ କୁମାର ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ମିଟୁ ସାହୁ, ଅନୁସୂଚିତଜାତି ମୋର୍ଚ୍ଚା ମଣ୍ଡଳ ସଭାପତି ଶଙ୍କର ମଲ୍ଲିକ, ସଂଖ୍ୟାଲଘୁ ଜିଲା ସଭାପତି ଦିଲ୍ଲୀପ ପ୍ରଧାନ, ମଣ୍ଡଳ ସମ୍ପାଦକ ସଂଜୀବ ବେହେରା, ଜୋସେଫ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ମାନବିକ ଅଧିକାର ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୋହନା, ୨୯।୮ (ମନ୍ମଥ ମିଶ୍ର)

ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ମାନବିକ ଅଧିକାର ସୁରକ୍ଷା ପରିଷଦର ଅଧ୍ୟକ୍ଷ ଡା.ଆଲୋକ କୁମାର ବୋଷଙ୍କୁ ମୋହନା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ମାନବ ଅଧିକାର ରକ୍ଷା, ସୁରକ୍ଷା ଓ ସମାଜର ହିତ ସାଧନ ଦୃଷ୍ଟିରୁ ସେ ମହତ କାର୍ଯ୍ୟ କରି ଆସୁଥିବା ଯୋଗୁ ସେ ବହୁ ରାଜ୍ୟରେ ପୁରସ୍କୃତ ଓ ସମ୍ମାନର ଅଧିକାରୀ ହୋଇ ଆସୁଛନ୍ତି। ଡକ୍ଟର ବୋଷଙ୍କୁ ସମ୍ବର୍ଦ୍ଧନା କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିଥିଭାବେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଲିମା, ଏସ୍ଆଇ ବି.ନୀଳମାଧବ ରେଡ୍ଡୀ, ଶାନ୍ତିଲତା ବେହେରା, ଜୟନ୍ତି ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ମାନବ ଅଧିକାର ସୁରକ୍ଷା ସଭାପତି ଦେବେନ୍ଦ୍ର ନାୟକ, ଜିଲା ମହିଳା ସଭାପତି ଜୟନ୍ତି ପଟନାୟକ, ବ୍ଲକ ସଭାପତି ଚନ୍ଦ୍ରକଳା ମଳିକ, ସଂଗଠନ ସମ୍ପାଦକ ଅନୀଲ କୁମାର ବୀରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ
# ମିଡିଆ ଏକାଦଶକୁ ହରାଇଲା ଏନ୍ଏସି ଏକାଦଶ

ଭଞ୍ଜନଗର, ୨୯।୮ (ବାବୁଲା ପ୍ରଧାନ)


ଉଭୟ ଦଳର ଖେଳାଳୀ ମାନେ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭଞ୍ଜନଗର ଏନଏସି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଜେଲ ପଡିଆରେ ମିଡିଆ ଏକାଦଶ ଏବଂ ଏନ୍ ଏସି ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ହୋଇଥିଲା। ଏଥିରେ ଭଞ୍ଜନଗର ଏନଏସି ଏକାଦଶ ମିଡିଆ ଏକାଦଶକୁ ୧୦ ଉଇକେଟରେ ପରାସ୍ତ କରି ବିଜୟ ହୋଇଥିଲା। ଏନ୍ଏସି ଏକାଦଶର ଅଧିନାୟକ ତଥା ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ ଏବଂ ମିଡିଆ ଏକାଦଶର ପ୍ରେସ କ୍ଲବ ସମ୍ପାଦକ ବାବୁଲା ପ୍ରଧାନ ଯୁଗ୍ମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମିଡିଆ ଏକାଦଶ ପ୍ରଥମେ ଟସ ଜିତି ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ମାତ୍ର ୮୨ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ବାବୁଲା ପ୍ରଧାନ ୯ ବଲ ବିନିମୟରେ ସର୍ବାଧିକ ୩୦ ରନ ସଂଗ୍ରହ କରିଥିଲେ। ଏଥିସହ ଦଳପକ୍ଷରୁ ଜଗନ୍ନାଥ ଦାସ ୯, ଶିବୁ ୬ ରନ, ଅଶୋକ ୬ ରନ ଏବଂ ପୁରୁଷୋତ୍ତମ ୫ ରନ ସଂଗ୍ରହ କରିଥିଲେ। ଏନଏସି ଏକାଦଶ ଦ୍ୱିତୀୟ ବ୍ୟାଟିଂ କରି ୭ ଓଭରରେ କୌଣସି ଉଇକେଟ ନହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଦଳପକ୍ଷରୁ ଆଶୁତୋଷ ୨୦ ବଲରେ ସର୍ବାଧିକ ୪୧ ରନ ଏବଂ ଅଭିଷେକ ୧୯ ବଲରେ ୩୨ ରନ ସଂଗ୍ରହ କରିଥିଲେ। ମ୍ୟାଚ୍ ପୂର୍ବରୁ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କ ସହ ପରିଚିତ ହୋଇଥିଲେ। ଶୂଳପାଣି ସତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳାଳୀ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରସ୍କୃତ କରାଯିବ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମିଶନ ଶକ୍ତି କାଫେ

ପାରଳାଖେମୁଣ୍ଡି,
(ଗିରିଧାରୀ ପରିଛା) ୨୯।୮



ମହିଳା ସ୍ୱୟଂ ସହାୟକ ସଂଘର ସଦସ୍ୟାମାନେ।

ମିଶନ ଶକ୍ତି ବିଭାଗର ସହାୟତା ଏବଂ ଜିଲା ପ୍ରଶାସନ ଗଜପତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜପତିର ବିଭିନ୍ନ ଜାଗାରେ ମିଶନ ଶକ୍ତି କାଫେ ତିଆରି କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଛି। ପ୍ରତି ପଞ୍ଚାୟତ ସମିତିର ମୁଖ୍ୟାଳୟରେ ଗୋଟିଏ ଲେଖାଏ ମିଶନ ଶକ୍ତି କାଫେ ପ୍ରସ୍ତୁତି ପାଇଁ ଜିଲା ପ୍ରଶାସନ ଯୋଜନା କରିଥିବା ବେଳେ ଆଜି ସୁଦ୍ଧା ଜିଲ୍ଲାର ଚାରିଗୋଟି ଜାଗା ଯଥା ଗୋଷାଣି ଓ ରାୟଗଡ଼ ପଞ୍ଚାୟତ ସମିତିରେ ଗୋଟିଏ ଲେଖାଏଁ ପ୍ରସ୍ତୁତି ହୋଇଥିଲାବେଳେ ରା.ଉଦୟଗିରି ପଞ୍ଚାୟତ ସମିତିରେ ଦୁଇଗୋଟି ମିଶନ ଶକ୍ତି କାଫେ ପ୍ରସ୍ତୁତି ହୋଇ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯାଉଛି। ସେମାନଙ୍କ ମଧ୍ୟରେ ଗୋଷାଣୀ ପଞ୍ଚାୟତ ସମିତିର ଗୋଷାଣୀ ଗ୍ରାମରେ ମଝି ଘରିଆଣି ସ୍ୱୟଂ ସହାୟକ ଗୋଷ୍ଠି, ରା.ଉଦୟଗିରି ପଞ୍ଚାୟତସମିତିର ରା.ଉଦୟଗିରି ଗ୍ରାମରେ ପୂଜା ସ୍ୱୟଂ ସହାୟକ ଗୋଷ୍ଠି, ଅବାରସିଂ ଗ୍ରାମରେ ମାଁ ବ୍ରାହ୍ମଣୀ ଦେବୀ ସ୍ୱୟଂ ସହାୟକ ଗୋଷ୍ଠି ଏବଂ ରାୟଗଡ଼ ପଞ୍ଚାୟତସମିତିର କଇଁପୁର ଗ୍ରାମରେ ମାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠି ମିଶନ ଶକ୍ତି କାଫେ ପରିଚାଳନା କରୁଛନ୍ତି। ଅନ୍ୟ ପାଞ୍ଚଗୋଟି ପଞ୍ଚାୟତସମିତିରେ କାଫେ ପ୍ରସ୍ତୁତ ପାଇଁ ଗୃହ ତିଆରି କାର୍ଯ୍ୟ ଚାଲୁଅଛି। ଗଜପତିରେ ପ୍ରସ୍ତୁତି ହୋଇଥିବା କାଫେ ଗୁଡ଼ିକ ପାଇଁ ସ୍ଥାନୀୟ ପଞ୍ଚାୟତ ସମିତି ଗୃହ ଏବଂ ଆସବାବପତ୍ର ପାଇଁ ସହଯୋଗ କରିଥିବା ବେଳେ କାଫେ ଚଳାଇବା ପାଇଁ ପୁଞ୍ଜି ସ୍ଥାନୀୟ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି। ଅନ୍ୟପଟେ ମିଶନ ଶକ୍ତି କାଫେକୁ ଦୈନନ୍ଦିନ ପରିଚାଳନା ଦିଗରେ ଆବଶ୍ୟକ ପ୍ରଶିକ୍ଷଣ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଦ୍ୱାରା ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଠାରେ ଯୋଗାଇ ଦିଆଯାଇଛି।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବଦଳିକୁ ବିରୋଧ

- ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କଲେ ଅଭିଭାବକ
- ପାଠପଢ଼ା ଠପ୍, ଗଛ ମୂଳେ ମଧ୍ୟାହ୍ନଭୋଜନ ପରିବେଷଣ

ରସୁଲପୁର,୨୯।୮(ରଞ୍ଜିତ ରାଉତ)


ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ଛାତ୍ରୀଛାତ୍ର ଓ ଅଭିଭାବକ।

ରସୁଲପୁର ବ୍ଲକ ଅନ୍ତର୍ଗତ ବଂଟରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବେହେରାଙ୍କ ବଦଳିକୁ ବିରୋଧ କରାଯାଇଛି। ଏନେଇ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଅଭିଭାବକ। ଦିନତମାମ ବିଦ୍ୟାଳୟରେ ତାଲା ଝୁଲିବାରୁ ପାଠପଢ଼ା ଠପ୍ ହୋଇଯାଇଛି। ସିସିଆର୍‌ସିସି ପ୍ରମୋଦ ବାରିକ ପହଞ୍ଚି ଅଭିଭାବକଙ୍କୁ ବୁଝାସୁଝା କରି ମଧ୍ୟାହ୍ନଭୋଜନ ପରିବେଷଣ କରିବାରେ ସଫଳ ହୋଇଛନ୍ତି। ପିଲାମାନେ ଗଛମୂଳେ ମଧ୍ୟାହ୍ନଭୋଜନ ଖାଇ ବିନା ପାଠପଢ଼ାରେ ଘରକୁ ଫେରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଭାବକ ଭେଟି ବିଦ୍ୟାଳୟର ସମସ୍ୟା ଓ ବଦଳି ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ଆଲୋଚନା କରିବେ। ଶିକ୍ଷାଧିକାରୀଙ୍କ ନିଷ୍ପତ୍ତି ଅନୁଯାୟୀ ଆଗକୁ ପଦକ୍ଷେପ ନିଆଯିବ ବୋଲି ବିଦ୍ୟାଳୟ ପରିଚାଳାନ କମିଟି ପକ୍ଷରୁ କୁହାଯାଇଛି।

ସୂଚନା ମୁତାବକ, ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପହଁଗା ପଞ୍ଚାୟତ ବାଘଡିଆଁ ଗ୍ରାମର ଗୋପାଳ ପାଟଣା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ସେଠାରେ ୫ଶ୍ରେଣୀକୁ ଜଣେ ଶିକ୍ଷକ ଥିବାରୁ ଆଉ ଜଣେ ଶିକ୍ଷକ ନିଯୁକ୍ତି ଦାବିରେ ବଦ୍ୟାର୍ଥୀ ଧାରଣା ଦେଇ ଆସୁଥିଲେ। ତେଣୁ ବ୍ଲକ ଶିକ୍ଷାଧିକାରୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବାରୁ ସୋମବାର ବିଦ୍ୟାର୍ଥୀମାନେ ରାସ୍ତାରୋକୋ କରି ଆନ୍ଦୋଳନ କରିଥିଲେ। ତେଣୁ ଗୋପାଳ ପାଟଣା ବିଦ୍ୟାଳୟରେ ଉପୁଜିଥିବା ଅଶାନ୍ତିକୁ ପ୍ରଶମିତ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ବଂଟରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବେହେରାଙ୍କୁ ଅସ୍ଥାୟୀ ଭାବେ ସେଠାରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ମୁତାବକ ସୋମବାର ଶିକ୍ଷକ ବେହେରା ମୂଳ ବିଦ୍ୟାଳୟକୁ ନ ଆସି ଗୋପାଳ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଥିଲେ। ଏକଥା ଜାଣିବା ପରେ ବଂଟରା ପ୍ରାଥମିକ ବିଦ୍ୟାଳୟର ଅଭିଭାବକମାନେ ତାଲା ପକାଇ ଦେଇ ବିରୋଧ କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ, ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ସାମିଲ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଆମ ଶିକ୍ଷକ ଆମକୁ ଫେରାଇ ଦିଅ ନାରା ଦେଇ ବିଦ୍ୟାର୍ଥୀମାନେ ଧାରଣାରେ ବସିଥିଲେ। ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟକୁ ନ ଆସିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ଏହି ଖବର ଜାଣି ସିଆରସିସି ବାରିକ ପହଞ୍ଚି ଅଭିଭାବକ, ବିଦ୍ୟାର୍ଥୀଙ୍କୁ ବୁଝାସୁଝା କରି ଧାରଣାରୁ ହଟିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ସିଆରସିସିଙ୍କ କଥାକୁ କେହି କର୍ଣ୍ଣପାତ କରି ନ ଥିଲେ। ଶେଷ ପର୍ଯ୍ୟନ୍ତ ବିଦ୍ୟାଳୟ କକ୍ଷରୁ ତାଲା ଖୋଲି ନ ଥିଲା। ଦିନ ତମାମ ପିଲାମାନେ ଗଛମୂଳେ ବସି ରହିଥିଲେ। ଏ ସମ୍ପର୍କରେ ସିଆର୍‌ସିସି ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଭାବକଙ୍କ ମଧ୍ୟରୁ କେତେଜଣ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ନିଆଯିବ। ଅଭିଭାବକ, ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିବା ଯୋଗୁ ବିଦ୍ୟାଳୟରୁ ତାଲା ଖୋଲାଯାଇ ପାରିନାହିଁ। କେବେଳ ବୁଝାଶୁଝା କରି ମଧ୍ୟାହ୍ନଭୋଜନ ପରିଚାଳନା ସମ୍ଭବପର ହୋଇଥିଲା ବୋଲି ବାରିକ ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ସଫେଇ

**ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ**

ଯାଜପୁରରୋଡ୍,୨୯।୮ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ୍‌ସ୍ଥିତ ଧବଳଗିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ପରିସର ସଫେଇ କରିଛନ୍ତି। ଏହାକୁ ନେଇ ଅଭିଭାବକ ଓ ସ୍କୁଲ୍ ପରିଚାଳନା କମିଟି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିପୁଳ ଅନୁଦାନ ରାଶି ଯୋଗାଇ ଦେଉଥିବାବେଳେ ପ୍ରଧାନଶିକ୍ଷକ ପୀତାମ୍ବର ବେହେରା ସବୁକିଛି ନିଜ ଅକ୍ତିଆରକୁ ନେଇ ମେରି ରାୟ ନୀତି ଚଳାଇଛନ୍ତି।

ଗତ ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଆସିଥିଲେ। ସେ ବିଦ୍ୟାଳୟର ଅବ୍ୟବସ୍ଥାକୁ ଦେଖି ପ୍ରଧାନଶିକ୍ଷକଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଶ୍ରେଣୀଗୃହରେ ଆଲୋକ ଜଳୁ ନ ଥିବା, ଶ୍ରେଣୀ ଗୃହଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡି ରହିଥିବା ଦେଖିବାକୁ ପାଇଥିଲେ। ବିରକ୍ତି ପ୍ରକାଶ କରି ଯଥାଶୀଘ୍ର ବିଦ୍ୟାଳୟକୁ ପରିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ଏସ୍ଏମ୍‌ସି (ବିଦ୍ୟାଳୟ ପରିଚାଳନା କମିଟି)କୁ ଡାକି ଉକ୍ତ ବିଷୟରେ ଆଲୋଚନା କରିବା ସହ କମ୍ପୋଜିଟ ଗ୍ରାଣ୍ଟରୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ମୋଟ ୪୭ ହଜାର ଟଙ୍କା ଉଠାଣ ପାଇଁ ରେଜୁଲେସନ ପାସ କରିଥିଲେ। ତେବେ ଗୋଟିଏ ପଟେ ସଫେଇ ବାବଦ ଖର୍ଚ୍ଚ ହିସାବ ଦେଉଥିବାବେଳେ ଶନିବାର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କୋମଳମତୀ ଶିଶୁଙ୍କ ଦ୍ୱାରା ସେ ବିଦ୍ୟାଳୟ ସଫେଇ କରିଥିଲେ। ଜଣେ ଶିକ୍ଷକ ଉପସ୍ଥିତ ରହି ପିଲାଙ୍କୁ ସଫେଇ କରିବା ଘଟଣା ଶତାଧିକ ଅଭିଭାବକଙ୍କ ମନରେ ଆଘାତ ଦେଇଛି। ବାରମ୍ବାର ଏଭଳି ପିଲାଙ୍କ ଦ୍ୱାରା କାର୍ଯ୍ୟ କରାଯାଉଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପ୍ରଧାନଶିକ୍ଷକ ବେହେରାଙ୍କୁ ପଚାରିବାରୁ ସେ ଏକଥାକୁ ଏଡାଇ ଦେଇଛନ୍ତି। ପିଲାମାନେ ନିଜ ଇଚ୍ଛାରେ ସଫେଇ କରୁଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଅଭିଭାବକ ଓ କମିଟି ସଦସ୍ୟମାନେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି।


ଛାତ୍ରୀଛାତ୍ର ବିଦ୍ୟାଳୟ ପରିସର ସଫେଇ କରୁଛନ୍ତି।


## ପୂର୍ବ ତଟ ରେଳପଥ

### ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ଷ୍ଟଲ

ସଂ.G.129/Catg.Stalls/E-auction/2023 ତା.21.08.2023ରିଖ

| କ୍ରମ ସଂ. | ଷ୍ଟେସନର ନାମ | ୟୁନିଟ୍ ର ସ୍ଥାନ | ଲଟ୍ ନମ୍ବର |
|---|---|---|---|
| 1 | କାଠଯୋଡ଼ି (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KTJI-GMU-77-23-1 |
| 2 | ଗଙ୍ଗାଧରପୁର | ପ୍ଲାଟଫର୍ମ ନଂ.1 | Catg-KUR-GNGD-GMU-94-23-1 |
| 3 | ବେଗୁନିଆ | ପ୍ଲାଟଫର୍ମ ନଂ.1 | Catg-KUR-BYZA-GMU-101-23-1 |
| 4 | କାଳିଜାଇ (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KLJI-97-23-1 |
| 5 | ଭୁବନେଶ୍ୱର ନ୍ୟୁ | ପ୍ଲାଟଫର୍ମ ନଂ.1(କଟକ ସୀମା) | Catg-KUR-BBSN-GMU-74-23-1 |
| 6 | ଯାଜପୁର କେନ୍ଦୁଝର ରୋଡ୍ | ପ୍ଲାଟଫର୍ମ ନଂ.1 ଭଦ୍ରକ ସୀମା, ଖମ୍ବ ନଂ.2&3 ମଧ୍ୟରେ | Catg-KUR-JJKR-SMU-131-23-1 |
| 7 | ଝାଡୁପୁଡ଼ି | ପ୍ଲାଟଫର୍ମ ନଂ.1 | Catg-KUR-JPI-SMU-108-23-1 |
| 8 | ବ୍ରହ୍ମପୁର | ଖମ୍ବ ନଂ.3&4 ମଧ୍ୟରେ ପ୍ଲାଟଫର୍ମ ନଂ.2&3 ବିଶାଖାପାଟଣା ସୀମା ଆଡ଼କୁ | Catg-KUR-BAM-SMU-129-23-1 |
| 9 | ଖୋର୍ଦ୍ଧା ରୋଡ୍ | ଖମ୍ବ ନଂ.5&6 ମଧ୍ୟରେ ପ୍ଲାଟଫର୍ମ ନଂ.4&5 ପୁରୀ ସୀମା। | Catg-KUR-KUR-SMU-130-23-1 |
| 10 | ନୀଳକଣ୍ଠେଶ୍ୱର | ପ୍ଲାଟଫର୍ମ ନଂ.1 | Catg-KUR-NKW-SMU-118-23-1 |

ଷ୍ଟେସନର ବର୍ଗ : F(HG-2) (କ୍ରମ ସଂ.1 ଏବଂ 4 ପାଇଁ), E(NSG-6) (କ୍ରମ ସଂ.2, 5, 7 ଏବଂ 10 ପାଇଁ), A(NSG-3) (କ୍ରମ ସଂ.3, 6, 8 ଏବଂ 9 ପାଇଁ)। ୟୁନିଟ୍‌ର ପ୍ରକାର : ଖାଦ୍ୟ ସରବରାହ ଷ୍ଟଲ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)। ଷ୍ଟଲ୍‌ର ବର୍ଗ (GMU/SMU) : ଜେନେରାଲ ମାଇନର ୟୁନିଟ୍ (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ ସ୍ପେଶାଲ ମାଇନର ୟୁନିଟ୍ (କ୍ରମ ସଂ.6 ରୁ 10 ପର୍ଯ୍ୟନ୍ତ), ୟୁନିଟ୍‌ର ଆକାର : 8"X6" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)। ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ। ନିଲାମ ତାରିଖ ଓ ସମୟ : ତା.05.09.2023ରିଖ (1100-1300 ଘଟିକା ପର୍ଯ୍ୟନ୍ତ)।

PR-505/O/23-24 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍



## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**No.CAD-1872: TENDER CALL NOTICE**

Tender Notice No.4222/RE/OSIC Dt.28.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. "Execution of Retro Reflective Signage Gate (Aarch Type) size of 94 ft X 6 ft at the boarder of Barbil Municipality in Ward No. 13", "Supply and installation of Semi- integrated Solar Street light, Solar Dual Pump Water Supply System & LED Street light in existing pole projects under MLALAD fund 2023-24 of Chitrakonda A/C in the District of Malkangiri" and "Supply & Installation of LED Street Light & Solar All In One Integrated Light Projects MLA Chitrakonda A/C under MLALAD for the year 2023-24". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only

Sd/-
GENERAL MANAGER(O)

OIPR-14073/11/0048/2324



## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

**No.CAD-1888: TENDER ALERT**

1)**E-Tender Call Notice No.08/23-24:** Tenders are Invited from eligible bidders through e-tender for Sl no 01 to 04 under Civil Works Circle, BBSR.
2)**Tender Call Notice No.05/2023-24:** Supply of 01 no DCDB including supply & fittings of all accessories in complete shape required at 220/132/33kV Grid S/S, Bhanjanagar under EHT (O&M) Division, Bhanjanagar.
3)**Tender Call Notice No.07/2023-24:** Supply of stainless steel retro reflective radium ACP Bay identification board with steel pipe stand for Grid S/S, Mendhasal under EHT (O&M) Division, Mendhasal.
4)**Tender Call Notice No.08/2023-24:** Construction of 8 nos. of multi Fire Extinguisher shed with both side stand for 400kV, 220kV, 132kV, 33kV switchyard for Grid S/S,Mendhasal under EHT(O&M) Division, Mendhasal.
5)**Tender Call Notice No.09/2023-24:** Construction of open stock yard for material stacking of 400kV Line Sub-Division, Mendhasal under EHT (O&M) Division, Mendhasal.
6)**Tender Call Notice No.04/2023-24:** Grass Cleaning & Anti-weed Treatment of Metal and Non-metal area of 220kV,132kV & 33kV S/Y area of 220/132/33kV Grid S/S Bhadrak and also Metal area of 132kV S/Y area & Non-Metal area inside Grid Premises of 132/33kV Grid S/S Agarpada under EHT(O&M) Division, Bhadrak.
7)**Tender Call Notice No.04/2023-24:** Construction of vehicle shed at 132/33kV Grid S/S, Chikiti under EHT(O&M) Division, Berhampur.
8)**Tender Call Notice No.RKL-09/2023-24:** Procurement and Supply of Enamel Paints at different GSS under EHT(O&M) Division, Rourkela.
9)**Tender Call Notice No.02/2023-24:** Supply, Installation & Commissioning of 07 Nos. of 2 Ton 3 Star Split Air Conditioner with 07 Nos. of 5KVA stabilizer for different sections under Telecom Division, Sambalpur.
10)**Tender Call Notice No.03/2023-24:** Painting of 62 Nos. Towers of 132kV Choudwar-Meramundali Circuit No. I from location No. 148 to location No. 210 under EHT(O&M) Division, Choudwar.
11)**Tender Call Notice No.09/CTC/23-24:** Supply of different types of Aluminium Clamps and Connectors for different Grid Substations under EHT(O&M) Division, Paradeep under EHT O&M Circle, Cuttack.
12)**Tender Call Notice No.09/BBS/23-24:** Dismentaling of old panels,removal of old cable along with repairing of old cable trench, supply of chequered plates and other related works at 132/33kV Grid S/S, Khurdha under EHT(O&M) Circle, Bhubaneswar.

For more details please visit OPTCL's website: www.optcl.co.in. OIPR-04011/11/0082/2324 FIPR-34/2023-24

f@optcl.odisha @optcl_odisha


# ୱାକୋ ଇଣ୍ଡିଆ ଜୁନିୟର କିକ୍ ବକ୍ସିଂରେ ଯାଜପୁର ଦଳର ସଫଳତା

ଯାଜପୁର ଟାଉନ,୨୯।୮(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ୱାକୋ ଇଣ୍ଡିଆ ଜୁନିୟର କିକ୍‌ବକ୍ସିଂ ପ୍ରତିଯୋଗିତା ଝାରଖଣ୍ଡ ହରିବଂଶ ତନ୍ନା ଭଗତ ଷ୍ଟାଡିୟମ୍ ରାଞ୍ଚିରେ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କାର୍ତ୍ତିକ ଡାକୁଆଙ୍କ ନେତୃତ୍ୱରେ ଓଡ଼ିଶାର ୬୯ଜଣିଆ ଦଳ ଭାଗ ନେଇଥିଲେ। ଯାଜପୁରର ୯ଜଣ ପ୍ରତିଯୋଗୀ ଓ ୩ଜଣ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ସୋନାଲୀ ଅସୀମା ସୂତାର ୨ ସ୍ୱର୍ଣ୍ଣ, ନିବେଦିତା ପଣ୍ଡା ଓ ଅର୍ପିତା ପ୍ରିୟଦର୍ଶନୀ ପଣ୍ଡା ୧ଟି ଲେଖାଏ ସ୍ୱର୍ଣ୍ଣ ଓ ଏମ୍. ସୁନନ୍ଦା, ଆଦ୍ୟାଶା ନନ୍ଦ ୧ଟି ଲେଖାଏ କାଂସ୍ୟ ପଦକ ଜିତି ଯାଜପୁର ଏବଂ ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ମଧୁସ୍ମିତା ପୃଷ୍ଟି, ମାନଭି ଜେନା, ବର୍ଷାରାଣୀ ସାମଲ, ସୀମା ବେହେରା ମଧ ଭଲ ପ୍ରଦର୍ଶନ କରିଛନ୍ତି। ପିଲାମାନଙ୍କର ଏହି ସଫଳତା ପାଇଁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସଭାପତି ଭବପ୍ରସାଦ ଦାସ ଓ କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ସହଯୋଗ ଓ ଆର୍ଥିକ ସହାୟତା ପାଇଁ ବିଧାୟକ ଓ ଅଶୋକ ଦାସ ଫାଉଣ୍ଡେସନ୍ ସଂସ୍ଥାକୁ ସମ୍ପାଦକ ରଞ୍ଜନ ସୂତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ସଞ୍ଜୟ ମହାରଣା, ହରିହର ପୃଷ୍ଟ ଓ ତପନ କୁମାର ମହାନ୍ତି ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## ନାବାଳିକା ବଳାତ୍କାର ମାମଲାରେ ୧୦ବର୍ଷ ଜେଲ

ଭଦ୍ରକ,୨୯।୮(ସନାତନ ରାଉତ):ଭଦ୍ରକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ନ୍ୟାୟାଧୀଶ ମିନତି ପଣ୍ଡା ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଏଥିରେ ଦୋଷୀ ଗ୍ରାମାଞ୍ଚଳ ଥାନା ଅଧୀନ ବେଲଦା ଗ୍ରାମର ପ୍ରଣବ ନାୟକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା କରିଛନ୍ତି।


## DIRECTORATE OF HANDICRAFTS BHUBANESWAR, ODISHA

No.PP-33:- Applications are invited from the retired field executives/ ministerial Officers for re-engagement of OSD on contractual basis against the vacant post of **Handicraft Promotion Officer/ Junior Assistant / Senior Assistant/ Junior Assistant** in Directorate of Handicrafts, Odisha and its field offices of the Assistant Director (Handicrafts) for a period of 01 (One) year or till the vacancies are filled up by regular process whichever is earlier.

1. The re-engagement will be as per terms and condition laid down in the Guidelines issued vide G.A. Department Resolution No. 23750 dated 27.08.2014.
2. The performance of the OSD/ Consultants will be reviewed periodically at an interval of six months.
3. The monthly consolidated remuneration of the OSDs will be fixed as per FDOM No. 24533 dated 29.09.2022.
4. Interested retired Government employees may apply in the given application format by Registered post/ Speed post which should reach to the Director of Handicrafts, Odisha, 1st Floor, HoD Building, Unit-V, Bhubaneswar-751001 on or before 31.08.2023.
5. The application form and details of re-engagement are available in Directorate of Handicrafts, Odisha website http://crafts.odisha.gov.in

OIPR-31042/11/0009/2324 Director



## MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ (ଇପିବିଏକ୍ସ): ୦୬୬୩-୨୫୪୨୪୬୧ରୁ ୪୬୯ ୱେବ୍‌ସାଇଟ: www.mahanadicoal.in

**ବିଜ୍ଞପ୍ତି**

ବିଷୟ: ସିପିଆର୍‌ଏମ୍‌ଏସ୍‌ଇ-ଏନ୍‌ଇ (ସଂଶୋଧିତ)ର ସଦସ୍ୟତା ନିମନ୍ତେ ସୁଯୋଗର ସମୟସୀମା ବୃଦ୍ଧି

କୋଲ୍ ଇଣ୍ଡିଆ ଲିଃ (ମୁଖ୍ୟାଳୟ), କୋଲକାତା ଠାରେ ତା୦୪।୦୮।୨୦୨୩ରିଖ ଦିନ ଅନୁଷ୍ଠିତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ) ଟ୍ରଷ୍ଟର ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ୪ର୍ଥ ବୈଠକରେ ହୋଇଥିବା ବିଚାରବିମର୍ଶ ପରେ ସ୍ୱାକ୍ଷରିତ ହୋଇଥିବା ସଂକଳ୍ପ ଅନୁଯାୟୀ, ସିଆଇଏଲ/ସହାୟକ କମ୍ପାନୀର ସମସ୍ତ ଯୋଗ୍ୟ ପୃଥକୀକୃତ ଅଣ-ଅଧିକାରୀ ପାହ୍ୟାର କର୍ମଚାରୀଙ୍କ ସମେତ "ସିଆଇଏଲ୍ ଏବଂ ଏସ୍‌ସିସିଏଲ୍ ପାଇଁ ୧୦ତମ ବେତନ ରାଜିନାମା" ଅବଧିରେ ପୃଥକୀକୃତ ହୋଇଥିବା ଏବଂ କୌଣସି କାରଣରୁ ଯୋଜନାର ସଦସ୍ୟ ହୋଇପାରି ନ ଥିବା ଅଣ-ଅଧିକାରୀ କର୍ମଚାରୀମାନଙ୍କ ନିମନ୍ତେ **ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)**ର ସଦସ୍ୟ ହେବାର ତାରିଖକୁ **ଶେଷ ସୁଯୋଗ ଭାବେ ତା୩୧।୧୨।୨୦୨୩ରିଖ** ପର୍ଯ୍ୟନ୍ତ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। ଆର୍ଥିକ ତିଥିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ମଧ ଗ୍ରହଣ କରାଯାଇଛି ଯେ ଉକ୍ତ ତାରିଖ ଆଉ ଅଧିକ ବୃଦ୍ଧି କରାଯିବ ନାହିଁ।

ସମସ୍ତ ଯୋଗ୍ୟ ସେବାନିବୃତ୍ତ ଅଣ-ଅଧିକାରୀ କର୍ମୀମାନେ ଏହି ସୁଯୋଗର ଲାଭ ନିଅନ୍ତୁ।

R-5165 ମହାପ୍ରବନ୍ଧକ (ପି ଆଣ୍ଡ ଆଇଆର୍)



## कार्यालय, जिला परिषद, राँची

**शुद्धि-पत्र**

**PR No. 305527**

इस कार्यालय के द्वारा प्रकाशित अति अल्पकालीन ई–निविदा आमंत्रण सूचना टेन्डर रिफ्रेन्स नम्बर– DOPR/DE/Ranchi/14/2023-24 के ग्रुप संख्या 04 (खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण) को अपरिहार्य कारणों से अगले आदेश तक के लिए स्थगित किया जाता है। निविदा की शेष शर्त्ते यथावत रहेगी।

जिला अभियंता
PR 305764 Panchayati Raj (23-24)_D जिला परिषद रॉंची


# ମୋବାଇଲ ଚୋରିକୁ କେନ୍ଦ୍ରକରି ତୁମୁଳକାଣ୍ଡ

ଯୋଡ଼ା,୨୯।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବସ୍ତି ପାତ୍ର ସାହିରେ ମଙ୍ଗଳବାର ମୋବାଇଲ ଚୋରିକୁ କେନ୍ଦ୍ରକରି ତୁମୁଳ କାଣ୍ଡ ଘଟିଛି। ଉକ୍ତ ବସ୍ତିର ଦିପୁ ପାତ୍ର କବାଟ ଖୋଲା ରଖି ଘରେ ଶୋଇଥିବାବେଳେ ବେଳେ ମଙ୍ଗଳବାର କେହି ଦୁର୍ବୃତ୍ତ ତାଙ୍କ ମୋବାଇଲ ଚୋରି କରି ନେଇଥିଲେ। ଚୋରି ସମ୍ପର୍କରେ ସେ ସ୍ଥାନୀୟ ଅଞ୍ଚଳର ବିଜୁ ପାତ୍ରଙ୍କୁ ସନ୍ଦେହ କରି ପଚାରିବାରୁ ବିଜୁ ଉତ୍‌କ୍ଷିପ୍ତ ହୋଇ ନିକଟରେ ପୋତା ଯାଇଥିବା ଏକ ପାଣି ପାଇପ୍‌ରେ ଦିପୁଙ୍କୁ ପିଟିଥିଲେ। ଫଳରେ ଦିପୁଙ୍କ ଦୁଇ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।


## कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग

**मुख्यमंत्री ग्राम सड़क योजना अन्तर्गत**
**ई–निविदा आमंत्रण सूचना**

ई–निविदा सं0 :– 03/2023-24/RWD/EE/HAZARIBAG दिनांक :– 28.08.2023
कार्य की विवरणी :–

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/HAZ/MM GSY/09/2023-24 | बड़कागॉव प्रखण्ड के ग्राम लकुरा में भगवानबागी से लकुरा गॉव होते हुए बचवरिया तक पथ निर्माण कार्य (लं0–2.700 कि0मी0) | 3,27,33,200/- | तीन करोड़ सताईस लाख तेतीस हजार दो सौ मात्र | 9 (नौ) माह |
| 2 | RWD/HAZ/MM GSY/10/2023-24 | बड़कागॉव प्रखण्ड के ग्राम चन्दौल में उत्क्रमित मध्य विद्यालय से मुरकटी मुख्य पथ तक पथ निर्माण कार्य (लं0–2.200 कि0मी0) | 2,65,81,800/- | दो करोड़ पैसठ लाख एकासी हजार आठ सौ मात्र | 9 (नौ) माह |
| 3 | RWD/HAZ/MM GSY/11/2023-24 | कटकमसांडी प्रखण्ड के पंचायत+ग्राम ढ़ोठवा में भोला रविदास के घर से मुख्य पथ ढ़ोठवा नरेष शर्मा के दुकान तक पथ निर्माण कार्य (लं0–1.170 कि0मी0) | 92,87,800/- | बेरान्वे लाख सतासी हजार आठ सौ मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 02.09.2023 ।
3. ई–निविदा प्राप्ति की अंतिम तिथि एवं समय :–11.09.2023 अपराह्न 5.00 बजे तक ।
4. (क) जिला नियंत्रण कक्ष, रॉंची (ख) मुख्य अभियंता का कार्यालय, ग्रामीण कार्य विभाग, झारखण्ड, रॉंची (ग) जिला नियंत्रण कक्ष, हजारीबाग में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय–12.09.2023 अपराह्न 3.30 बजे तक ।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग, इन्द्रपुरी चौक, हजारीबाग के नजदीक, हजारीबाग, झारखण्ड, पिन–825301 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (12.09.2023 अपराह्न 3.30 बजे तक) से पूर्व प्राप्त हो जाय । अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा ।
6. निविदा खोलने की, तिथि, समय एवं स्थान–13.09.2023 पूर्वाह्न 3.30 बजे, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग ।
7. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
7. ई–निविदा प्रकोष्ठ का दूरभाष सं0–06546–265286 ।
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक/अनुसूचित बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रुप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग के पक्ष में एवं हजारीबाग में भुगतेय होगा जो लौटाया नहीं जायेगा ।
9. यदि किसी कारणवश उपरोक्त अंकित तिथियों में अवकाश घोषित होता है तो अगले कार्यदिवस में अंकित कंडिकाओं का कार्य किया जायेगा एवं सभी शर्तें पूर्ववत रहेगी ।
10. परिमाण विपत्र की राशि घट या बढ़ सकती है।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग

PR 305825 Rural Work Department(23-24)#D



## WELFARE SCHEMES FOR EX-SERVICEMEN/WIDOWS

Welfare schemes sponsored out of the Amalgamated Fund, Rajya Sainik Board, Odisha for Ex-Servicemen, Widows and their dependent children belonging to State of Odisha:-

- Merit Scholarships for children of ESM/Widows (PBOR only). **Courses eligible** - +2 level, Diploma, Degree level professional courses, MCA & MBA. **Rate of Scholarship:** For 10+2 and Diploma level courses @ Rs 12,000/- per year and @ Rs 18,000/-per year for Degree level courses, MCA/MBA.
- Education Grant to handicapped children of ESM/Widows (minimum disability 40%) starting from Class-I to PG level courses @ Rs 12,000/- per year irrespective of class.
- Financial assistance @ Rs 3,000/-pm for life to totally Blind/Paraplegic ESM (PBOR only). Spouse and children of ESM suffering with similar disabilities are also eligible.
- Financial assistance @ Rs 3,000/-pm to spouse of deceased ESM for maintenance of mentally retarded children for life.
- Financial assistance @ Rs 2,000/-pm for life to non-pensioner ESM (PBOR only) who are above 60 years of age and for Widows no age restriction.
- Financial assistance @ Rs 3,000/-pm to the orphan children of ESM till they start getting pension in their bank account.
- Financial assistance @ Rs 1.00 lakh for daughter's marriage of Widows of JCOs for maximum two daughters only.
- One time grant of Rs 50,000/- to wards of ESM/Widows for getting commission in Army, Navy and Air Force.
- Financial assistance @ Rs 20,000/- per case for repair of house damaged in fire and other natural calamities (PBOR only).

To avail the benefits, eligible Ex-servicemen/Widows to contact/visit concerned Zilla Sainik Board.

Sd./- Secretary
Rajya Sainik Board, Odisha

# ବନ୍ଦରଭିତ୍ତିକ କାର୍ଗୋ ପରିଚାଳନା କୌଶଳ ତାଲିମ

**କୁଜଙ୍ଗ, ୨୯।୮ (ମନୋଜ ପ୍ରଧାନ):** ଜେଏସଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ତାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକାରୀ କରିବା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଜିଲାର ବେକାର ଯୁବତୀଙ୍କୁ ଯୁବକଙ୍କୁ ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ଓ ଲଜିଷ୍ଟିକ ସମ୍ବନ୍ଧୀୟ କୌଶଳ ବୃଦ୍ଧି ତାଲିମ ଦେବାକୁ ବ୍ୟବସ୍ଥା କରାଯାଇଛି। ଏନେଇ ସେମାନଙ୍କୁ ମହିନ୍ଦ୍ରା ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଟେକ ମହିନ୍ଦ୍ରା ସ୍ମାଟ ଏକାଡେମୀ ବିଶାଖାପାଟଣାକୁ ପଠାଯାଇଛି । ଏଠାରେ ସୂଚନାଯୋଗ୍ୟ, ପୂର୍ବରୁ ୨୫ଜଣ ଯୁବକଙ୍କୁ ଟେକ୍ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ ତାଲିମ ଦେବା ସହ ନିଯୁକ୍ତି ପ୍ରଦାନ କରିଛି । ଏହାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପର୍ଯ୍ୟାୟରେ ୨୪ଜଣଙ୍କୁ ତାଲିମ ପାଇଁ ପଠାଯାଇଛି ।

# ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ପର୍ବ ଆରମ୍ଭ

**ପାରାଦୀପ,୨୯। ୮(ଶରତ ରାଉତ):** ପାରାଦୀପ ମଧୁବନରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଏକାଧିକ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୫ ନଂ. ୱାର୍ଡ ବାଲିଝରା ସନ୍ତୋଷୀ ଜରାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ବିଶ୍ୱବିଦ୍ୟାଳୟ ଭଉଣୀମାନେ ରାଖୀ ବାନ୍ଧି ଶୁଭକାମନା ଜଣାଇଥିଲେ। ସେହିପରି ପାରାଦୀପଗଡଠାରେ ଥିବା ଲୋକନାଥ କନ୍ୟାଶ୍ରମ ଅନ୍ତେବାସୀଙ୍କୁ ମଧ ରାଖୀ ବନ୍ଧା ଯାଇଥିଲା । ସମାଜରେ ଅବହେଳିତ ଭାବେ ରହୁଥିବା ଲୋକଙ୍କୁ ଭାତୃତ୍ୱର ସ୍ନେହ ବାଣ୍ଟିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ସପ୍ତାହେ ବ୍ୟାପୀ ଏକ କାର୍ଯ୍ୟକ୍ରମ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଶାଖା ମୁଖ୍ୟ ଭଉଣୀ ସୁମନ ସୂଚନା ଦେଇଛନ୍ତି।

# ଜନଶୁଣାଣିରେ ନ୍ୟାୟ ନ ମିଳିବାରୁ ମହିଳାଙ୍କ ଆତ୍ମହତ୍ୟା ଚେତାବନୀ

**ନାଉଗାଁ,୨୯।୮ (ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା (ହରି ନବେଇ) ଗ୍ରାମର ଜଣେ ଦଳିତ ମହିଳା ବାରମ୍ବାର ଜିଲାପାଳଙ୍କ ଜନଶୁଣାଣିରେ ନ୍ୟାୟ ପାଇଁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନାହିଁ ବୋଲି କହିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଝରଣା କାଣ୍ଡି। ୭ ଦିନରେ ମଧରେ ତାଙ୍କ ସମସ୍ୟାର ସମାଧାନ ନ ହେଲେ ସେ ବିଷପିଇ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ସେ ୨୫ ଅଗଷ୍ଟ୨୦୨୩ରେ ଜିଲାପାଳ ପାରୁଲ ପଟାୱାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷେତ୍ରବାସୀ ମିଶ୍ର ,ଏସ୍‌ପି ପି.ଆର ରାହୁଲ, ନାଉଗାଁ ଥାନା ଅଧିକାକାରୀ ସଂଘମିତ୍ରା ନାୟକ, ତହସିଲାଦାର ଏସ୍.ସାଗରୀଙ୍କ ସମେତ ୫-ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଝରଣାଙ୍କ ଅଭିଯୋଗ ଅନୁଯାୟୀ, ୩୧ ମେ ୨୦୧୧ରେ ତତ୍କାଳିନ ବିଧାୟକ ବିଷ୍ଣୁ ଦାସଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଧାଇ ଭାବେ ରଖାଯାଇଥିଲା। ଏନେଇ ମାସିକ ୧ ହଜାର ଟଙ୍କା ବେତନ ବାବଦରେ ଦେବାକୁ ସ୍ଥିର କରାଯାଇଥିଲା।। ସେହିଦିନଠାରୁ ଝରଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଫା ସୁତୁରା କରିବା ସହ ସେଠାରେ ଧାଇ କାର୍ଯ୍ୟ କରି ଆସୁଥିଲେ। ୮ ବର୍ଷ ପରେ ଅର୍ଥାତ୍ ୫ ଜୁଲାଇ ୨୦୧୯ରେ ହଠାତ ତାଙ୍କୁ ଉକ୍ତ କାର୍ଯ୍ୟରୁ ବାହାର କରି ଦିଆଯାଇଥିଲା। ଉକ୍ତ ବର୍ଷ ୨୬ ଅଗଷ୍ଟରେ ସେ ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ତତ୍କାଳୀନ ଜିଲାପାଳ ଏହାର ତଦନ୍ତ କରି ଝରଣାଙ୍କ ବକେୟା ଅର୍ଥ ପୈଠ କରିବାକୁ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଝରଣାଙ୍କୁ ଦୈନିକ ୨ ଶହ ଟଙ୍କା ହିସାବରେ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ଅନୁସାରେ ଏର୍ପ୍ୟନ୍ତ ତାଙ୍କର ମୋଟ ପ୍ରାୟ ୫ ଲକ୍ଷ ୭୬ ହଜାର ଟଙ୍କା ହେଉଥିବାବେଳେ ମାତ୍ର ୬୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ଝରଣା ଜିଲାପାଳଙ୍କ ଜନଶୁଣାଣି ପତ୍ର ସଂଖ୍ୟା ନଂ.୧୯୧୯/୨୬ -୭-୨୦୧୯,ପତ୍ର ସଂଖ୍ୟା ନଂ. ୮୫/୩୧-୧୦-୨୦୨୨,ନଂ.୫୬/୬ -୩-୨୦୨୩, ନଂ. ୫୫/୮ -୫-୨୦୨୩, ନଂ. ୪୨/ ୧୦ -୭-୨୦୨୩ରେ ବାରମ୍ବାର ଅଭିଯୋଗ କରିଛନ୍ତି। ମାତ୍ର କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମିଶ୍ରଙ୍କୁ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲ ମଧ ସେ ଉଠାଇ ନ ଥିଲେ।

# କେନ୍ଦ୍ରର ଜନ କଲ୍ୟାଣକାରୀ ଯୋଜନାରେ ବାଧକ ସାଜୁଛନ୍ତି ରାଜ୍ୟ ସରକାର

## ପ୍ରତି ପଞ୍ଚାୟତ ଆଗରେ ଭାଜପାର ଭ୍ରଷ୍ଟାଚାର ହଟାଓ ବିକ୍ଷୋଭ



ପାରାଦୀପ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ଜଗତ୍‌ସିଂହପୁର, ୨୯।୮ (ପ୍ରମୋଦ କୁମାର ନାୟକ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗ୍ରାମାଞ୍ଚଳର ବିକାଶକୁ ପ୍ରାଥମିକତା ଦେଇ ଆସୁଛନ୍ତି। ଅନେକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଏଥିରେ ବାଧକ ସାଜୁଛନ୍ତି। କେନ୍ଦ୍ର ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଦିଆଯାଉଥିବା ଅର୍ଥ ହରିଲୁଟ୍ ହେଉଛି। ଏହାର ଜ୍ୱଳନ୍ତ ପ୍ରମାଣ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁଛି। ତେଣୁ ଭାଜପା ପକ୍ଷରୁ ମଙ୍ଗଳବାର ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ସମ୍ମୁଖରେ ଭ୍ରଷ୍ଟାଚାର ହଟାଓ ବିକ୍ଷୋଭ କରାଯାଇଛି। ଭାଜପା ପାରାଦୀପ ନିର୍ବାଚନ ମଣ୍ଡଳୀ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଏହା କହିଛନ୍ତି। ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ବିକ୍ଷୋଭରେ ସେ ଦର୍ଶାଇଛନ୍ତି,ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ କେନ୍ଦ୍ର ସରକାର ଜନସଂଖ୍ୟା ଅନୁପାତରେ ପ୍ରତ୍ୟେକ ପଞ୍ଚାୟତକୁ ବାର୍ଷିକ ହାରାହାରି ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉନ୍ନୟନ ରାଶି ଦେଇଛନ୍ତି। କିନ୍ତୁ ପଞ୍ଚାୟତଗୁଡିକର ଚିତ୍ର ବଦଳୁନାହିଁ। ପ୍ରଶାସନ ଓ ବିଜେଡି ନେତାମାନେ ମନଇଛା ଯୋଜନା ପ୍ରସ୍ତୁତ କରି ୬୦ରୁ ୭୦ ପ୍ରତିଶତ ହରିଲୁଟ୍ କରି ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତରଅନ୍ତର କରାଯାଉଛି। ମିଶନ ଶକ୍ତି ନାଁର ମହିଳାଙ୍କୁ ଦଳୀୟ କାର୍ଯ୍ୟରେ ନିୟୋଜନ କରାଯାଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲୋକଙ୍କ ପରିବର୍ତ୍ତେ ମେସିନ୍‌ରେ କାମ ହେଉଛି। ବିଦ୍ୟାଳୟଗୁଡିକୁ ରଙ୍ଗ ବୋଳାଯାଇ ୫-ଟି ନାମରେ କେନ୍ଦ୍ର ସରକାରଙ୍କ ସର୍ବଶିକ୍ଷା ଅଭିଯାନର କୋଟି କୋଟି ଟଙ୍କା ହରିଲୁଟ୍ କରାଯାଉଛି। ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ପ୍ରଭାବିତ ହେଉଥିବାବେଳେ ମଧାହ୍ନ ଭୋଜନର ମାନ ଠିକ ରହୁନାହିଁ ବୋଲି ଅଭିଯୋଗ କରାଯାଇଥିଲା। ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତରେ ଭାଜପା କାର୍ଯ୍ୟକର୍ତ୍ତାମାନେ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଅରକ୍ଷିତ ଦାସ, ପ୍ରଦୀପ୍ତ ମହାପାତ୍ର, ନୃସିଂହ ଚୌଧୁରୀ, ଚୈତନ୍ୟ ଖଟୁଆ, ପ୍ରତାପ ଦାସ, ସୁବାସ ପ୍ରଧାନ, ଦିଲ୍ଲୀପ ବେହେରା, ଅମୀୟ ତରାଇ, ଅକ୍ଷୟ ଦାସ, ବିଶ୍ୱଜିତ ଦାସ, ପ୍ରସନ୍ନ ସୱାଇଁ, ଦୁଷ୍ମନ୍ତନାଥ ଶର୍ମା, ବିଶ୍ୱଜିତ ବେହେରା, ବିନୋଦ ସାମଲ, ପ୍ରଦୀପ୍ତ ପ୍ରଧାନ,ସୁକାନ୍ତ ବିଶ୍ୱାଳ, ହିରନ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗରେ ପଞ୍ଚାୟତ କାର୍ଯ୍ୟାଳୟ ଓ ବାଲିକୁଦା ବ୍ଲକର ୪ନଂ. ଜିଲା ପରିଷଦ ଜୋନର ୮ ପଞ୍ଚାୟତରେ ବିକ୍ଷୋଭ କରାଯାଇଥିଲା।

# ଅଗ୍ନିଶମ ବାହିନୀ ପକ୍ଷରୁ ବିଦ୍ୟାଳୟରେ ମକ୍‌ଡ୍ରିଲ୍

**ବିରିଡି,୨୯।୮। (ପ୍ରଶାନ୍ତ କୁମାର ରାଉତ)**

ବିରିଡି ଅଗ୍ନିଶମ ବାହିନୀ ପକ୍ଷରୁ ସେଣ୍ଟ ଜାଭିୟର ହାଇସ୍କୁଲ କମଳପୁର ମଇଁଦିପୁର ଛାତ୍ରୀଛାତ୍ରମାନଙ୍କୁ ଅଗ୍ନି ନିରାପତ୍ତା ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ମଙ୍ଗଳବାର ପ୍ରଶିକ୍ଷଣ ଦିଆଯାଇଥିଲା। ଏନେଇ ଏକ ମକ୍‌ଡ୍ରିଲ୍ କରାଯାଇଥିଲା। ବିରିଡି ଅଗ୍ନିଶମ ବିଭାଗର କେନ୍ଦ୍ର ଅଧିକାରୀ ଅଶୋକ ଶତପଥୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ନିଆଁକୁ କିପରି ଆୟତ୍ତ କରାଯିବ ଏବଂ ଏନେଇ କେଉଁ କୌଶଳ ଅବଲମ୍ବନ କରାଯିବ ସେ ସମ୍ବନ୍ଧରେ ଡେମୋକରି ଦେଖାଇବା ସହ ବୁଝାଇଥିଲେ । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିପରି ସୁରକ୍ଷିତ ରଖିହେବ ତାର କୌଶଳ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ନିଜେ ବଞ୍ଚିବା ଓ ଅନ୍ୟକୁ ବଞ୍ଚାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅଗ୍ନିଶମ ବିଭାଗର ଅଧିକାରୀ ଶତପଥୀ ପ୍ରକାଶ କରିଥିଲେ। ସ୍କୁଲ ଅଧକ୍ଷ କବିରାଜ ବିଭୁତି ଭୂଷଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାର କୌଶଳ ଶିଖାଉଛନ୍ତି।


## ପୂର୍ବ ତଟ ରେଳପଥ

### ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ଷ୍ଟଲ

ସଂ.G.129/Catg.Stalls/E-auction/2023 — ତା.21.08.2023ରିଖ

| କ୍ରମ ସଂ. | ଷ୍ଟେସନର ନାମ | ୟୁନିଟ୍ ର ସ୍ଥାନ | ଲଟ୍ ନମ୍ବର |
|---|---|---|---|
| 1 | କାଠଯୋଡ଼ି (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KTJI-GMU-77-23-1 |
| 2 | ଗଙ୍ଗାଧରପୁର | ପ୍ଲାଟଫର୍ମ ନଂ.1 | Catg-KUR-GNGD-GMU-94-23-1 |
| 3 | ବେଗୁନିଆ | ପ୍ଲାଟଫର୍ମ ନଂ.1 | Catg-KUR-BYZA-GMU-101-23-1 |
| 4 | କାଳିଜାଇ (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KLJI-97-23-1 |
| 5 | ଭୁବନେଶ୍ୱର ନ୍ୟୁ | ପ୍ଲାଟଫର୍ମ ନଂ.1(କଟକ ସୀମା) | Catg-KUR-BBSN-GMU-74-23-1 |
| 6 | ଯାଜପୁର କେନ୍ଦୁଝର ରୋଡ୍ | ପ୍ଲାଟଫର୍ମ ନଂ.1 ଭଦ୍ରକ ସୀମା, ଖମ୍ବ ନଂ.2&3 ମଧରେ | Catg-KUR-JJKR-SMU-131-23-1 |
| 7 | ଝାଡୁପୁଡ଼ି | ପ୍ଲାଟଫର୍ମ ନଂ.1 | Catg-KUR-JPI-SMU-108-23-1 |
| 8 | ବ୍ରହ୍ମପୁର | ଖମ୍ବ ନଂ.3&4 ମଧରେ ପ୍ଲାଟଫର୍ମ ନଂ.2&3 ବିଶାଖାପାଟଣା ସୀମା ଆଡ଼କୁ | Catg-KUR-BAM-SMU-129-23-1 |
| 9 | ଖୋର୍ଦ୍ଧା ରୋଡ୍ | ଖମ୍ବ ନଂ.5&6 ମଧରେ ପ୍ଲାଟଫର୍ମ ନଂ.4&5 ପୁରୀ ସୀମା । | Catg-KUR-KUR-SMU-130-23-1 |
| 10 | ନୀଳକଣ୍ଠେଶ୍ୱର | ପ୍ଲାଟଫର୍ମ ନଂ.1 | Catg-KUR-NKW-SMU-118-23-1 |

ଷ୍ଟେସନର ବର୍ଗ : F(HG-2) (କ୍ରମ ସଂ.1 ଏବଂ 4 ପାଇଁ), E(NSG-6) (କ୍ରମ ସଂ.2, 5, 7 ଏବଂ 10 ପାଇଁ), A(NSG-3) (କ୍ରମ ସଂ.3, 6, 8 ଏବଂ 9 ପାଇଁ) । ୟୁନିଟ୍‌ର ପ୍ରକାର : ଖାଦ୍ୟ ସରବରାହ ଷ୍ଟଲ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ଷ୍ଟଲର ବର୍ଗ (GMU/SMU) : ଜେନେରାଲ ମାଇନର ୟୁନିଟ୍ (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ ସ୍ପେଶାଲ ମାଇନର ୟୁନିଟ୍ (କ୍ରମ ସଂ.6 ରୁ 10 ପର୍ଯ୍ୟନ୍ତ), ୟୁନିଟ୍‌ର ଆକାର : 8"X6" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) । ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ । ନିଲାମ ତାରିଖ ଓ ସମୟ : ତା.05.09.2023ରିଖ (1100-1300 ଘଟିକା ପର୍ଯ୍ୟନ୍ତ) ।

PR-505/O/23-24 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**No.CAD-1872: TENDER CALL NOTICE**

Tender Notice No.4222/RE/OSIC Dt.28.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. "Execution of Retro Reflective Signage Gate (Aarch Type) size of 94 ft X 6 ft at the boarder of Barbil Municipality in Ward No. 13", "Supply and installation of Semi- integrated Solar Street light, Solar Dual Pump Water Supply System & LED Street light in existing pole projects under MLALAD fund 2023-24 of Chitrakonda A/C in the District of Malkangiri" and "Supply & Installation of LED Street Light & Solar All In One Integrated Light Projects MLA Chitrakonda A/C under MLALAD for the year 2023-24". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only

Sd/-
GENERAL MANAGER(O)

OIPR-14073/11/0048/2324

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

**No.CAD-1888: TENDER ALERT**

1)**E-Tender Call Notice No.08/23-24:** Tenders are Invited from eligible bidders through e-tender for Sl no 01 to 04 under Civil Works Circle, BBSR.
2)**Tender Call Notice No.05/2023-24:** Supply of 01 no DCDB including supply & fittings of all accessories in complete shape required at 220/132/33kV Grid S/S, Bhanjanagar under EHT (O&M) Division, Bhanjanagar.
3)**Tender Call Notice No.07/2023-24:** Supply of stainless steel retro reflective radium ACP Bay identification board with steel pipe stand for Grid S/S, Mendhasal under EHT (O&M) Division, Mendhasal.
4)**Tender Call Notice No.08/2023-24:** Construction of 8 nos. of multi Fire Extinguisher shed with both side stand for 400kV, 220kV, 132kV, 33kV switchyard for Grid S/S,Mendhasal under EHT(O&M) Division, Mendhasal.
5)**Tender Call Notice No.09/2023-24:** Construction of open stock yard for material stacking of 400kV Line Sub-Division, Mendhasal under EHT (O&M) Division, Mendhasal.
6)**Tender Call Notice No.04/2023-24:** Grass Cleaning & Anti-weed Treatment of Metal and Non-metal area of 220kV,132kV & 33kV S/Y area of 220/132/33kV Grid S/S Bhadrak and also Metal area of 132kV S/Y area & Non-Metal area inside Grid Premises of 132/33kV Grid S/S Agarpada under EHT(O&M) Division, Bhadrak.
7)**Tender Call Notice No.04/2023-24:** Construction of vehicle shed at 132/33kV Grid S/S, Chikiti under EHT(O&M) Division, Berhampur.
8)**Tender Call Notice No.RKL-09/2023-24:** Procurement and Supply of Enamel Paints at different GSS under EHT(O&M) Division, Rourkela.
9)**Tender Call Notice No.02/2023-24:** Supply, Installation & Commissioning of 07 Nos. of 2 Ton 3 Star Split Air Conditioner with 07 Nos. of 5KVA stabilizer for different sections under Telecom Division, Sambalpur.
10)**Tender Call Notice No.03/2023-24:** Painting of 62 Nos. Towers of 132kV Choudwar-Meramundali Circuit No. I from location No. 148 to location No. 210 under EHT(O&M) Division, Choudwar.
11)**Tender Call Notice No.09/CTC/23-24:** Supply of different types of Aluminium Clamps and Connectors for different Grid Substations under EHT(O&M) Division, Paradeep under EHT O&M Circle, Cuttack.
12)**Tender Call Notice No.09/BBS/23-24:** Dismentaling of old panels,removal of old cable along with repairing of old cable trench, supply of chequered plates and other related works at 132/33kV Grid S/S, Khurdha under EHT(O&M) Circle, Bhubaneswar.

For more details please visit OPTCL's website: www.optcl.co.in. OIPR-04011/11/0082/2324 FIPR-34/2023-24

/optcl.odisha /optcl_odisha


# ପ୍ରୋତ୍ସାହନ, ସ୍ୱୀକୃତି ପ୍ରତିଭା ବିକାଶରେ ସହାୟକ ହୋଇଥାଏ

**ତିର୍ତ୍ତୋଲ, ୨୯।୮ (ଗୌରାଙ୍ଗ ଚରଣ ସ୍ୱାଇଁ):** ବାଲିଘର ଫାଉଣ୍ଡେଶନ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ନୋଡ଼ାଲ ପରିସରରେ ପ୍ରତିଭା ଅନ୍ୱେଷଣର କୃତି ପ୍ରତିଭାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। ପ୍ରୋତ୍ସାହନ ଓ ସ୍ୱୀକୃତି ପ୍ରତିଭା ବିକାଶରେ ସହାୟକ ହୋଇଥାଏ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍କୁଲରେ ୫-ଟି ବିଭାଗରେ କରାଯାଇଥିବା ପ୍ରତିଭା ପ୍ରତିଯୋଗିତାରେ ମୋଟ ୧୧୧ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୩୦ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସେମାନଙ୍କୁ ମଙ୍ଗଳବାର ମାନପତ୍ର, ଟ୍ରଫି ଓ କିଛି ପୁସ୍ତକ ଦିଆଯାଇ ସମ୍ମାନିତ କରାଯାଇଛି। ଫାଉଣ୍ଡେଶନର ଅଧକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଖବରଦାତା ତଥା ସାରଳା ସାହିତ୍ୟର ପ୍ରଚାରକ ରମାକାନ୍ତ ରାଉଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବାବାଜୀ ଚରଣ ନାୟକ, ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଲୋକ ନାଥ ବଡ଼ପଣ୍ଡା,ଏସ୍.କେ. ତାଜଉଦ୍ଦିନ, ସୁଶାନ୍ତ କୁମାର ଦାସ, ଶୁଭଲକ୍ଷ୍ମୀ ବୋଡିକିଆ, ପ୍ରିୟଙ୍କା ଆଚାର୍ଯ୍ୟ, ନୌବାହାର ବାନୁ ଓ ସ୍ମିତା ମହାରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଜେନା,ଶ୍ୱେତମ୍ବର ମଲ୍ଲିକ, ଦେବେନ୍ଦ୍ର କୁମାର ଦଳେଇ, କିଶୋର କୁମାର ଦାସ, ଅଭୟ କୁମାର ଜେନା ଓ ବିଭୁ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପଣ୍ଡିତ ନାଗମଣି କର ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ପଟ୍ଟାମୁଣ୍ଡାଇ, ୨୯।୮ (ଅକ୍ଷୟ ବିଶ୍ୱାଳ/କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପ୍ରଫେସର ଭରତ ପାତ୍ର, ପ୍ରଫେସର କୈଳାସ ପାତ୍ର, ପ୍ରାଧାପକ ଗୋଲକ ମହାରଣା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଚତୁର୍ଭୁଜ ରାଉଳ, ବିଜୟ ସାହୁ, ପ୍ରମୋଦ ନାୟକ, ସନାତନ ତରାଇ, ପ୍ରମୋଦ ସାହୁ, ବଂଶୀଧର ନାୟକ, ଗନ୍ଧର୍ବ ଲେଙ୍କା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ଅବସର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅବସର କର୍ମଚାରୀ ନିଜ ନିଜ ଅଞ୍ଚଳରେ ସମାଜ ସେବା ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସାମାଜିକ ଦାୟିତ୍ୱ ନିର୍ବାହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।


**DIRECTORATE OF HANDICRAFTS**
**BHUBANESWAR, ODISHA**

No.PP-33:- Applications are invited from the retired field executives/ ministerial Officers for re-engagement of OSD on contractual basis against the vacant post of **Handicraft Promotion Officer/ Junior Assistant / Senior Assistant/ Junior Assistant** in Directorate of Handicrafts, Odisha and its field offices of the Assistant Director (Handicrafts) for a period of 01 (One) year or till the vacancies are filled up by regular process whichever is earlier.

1. The re-engagement will be as per terms and condition laid down in the Guidelines issued vide G.A. Department Resolution No. 23750 dated 27.08.2014.
2. The performance of the OSD/ Consultants will be reviewed periodically at an interval of six months.
3. The monthly consolidated remuneration of the OSDs will be fixed as per FDOM No. 24533 dated 29.09.2022.
4. Interested retired Government employees may apply in the given application format by Registered post/ Speed post which should reach to the Director of Handicrafts, Odisha, 1st Floor, HoD Building, Unit-V, Bhubaneswar-751001 on or before 31.08.2023.
5. The application form and details of re-engagement are available in Directorate of Handicrafts, Odisha website http://crafts.odisha.gov.in

OIPR-31042/11/0009/2324 — Director

**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, हजारीबाग**

**मुख्यमंत्री ग्राम सड़क योजना अन्तर्गत**
**ई–निविदा आमंत्रण सूचना**

ई–निविदा सं0 :– 03/2023-24/RWD/EE/HAZARIBAG — दिनांक :– 28.08.2023

कार्य की विवरणी :–

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/HAZ/MM GSY/09/2023-24 | बड़कागाँव प्रखण्ड के ग्राम लकुरा में भगवानबागी से लकुरा गाँव होते हुए बचवरिया तक पथ निर्माण कार्य (लं0–2.700 कि0मी0) | 3,27,33,200/- | तीन करोड़ सताईस लाख तेतीस हजार दो सौ मात्र | 9 (नौ) माह |
| 2 | RWD/HAZ/MM GSY/10/2023-24 | बड़कागाँव प्रखण्ड के ग्राम चन्दौल में उत्क्रमित मध्य विद्यालय से मुरकटी मुख्य पथ तक पथ निर्माण कार्य (लं0–2.200 कि0मी0) | 2,65,81,800/- | दो करोड़ पैसठ लाख एकासी हजार आठ सौ मात्र | 9 (नौ) माह |
| 3 | RWD/HAZ/MM GSY/11/2023-24 | कटकमसांडी प्रखण्ड के पंचायत+ग्राम ढ़ोठवा में भोला रविदास के घर से मुख्य पथ ढ़ोठवा नरेष शर्मा के दुकान तक पथ निर्माण कार्य (लं0–1.170 कि0मी0) | 92,87,800/- | बेरान्वे लाख सतासी हजार आठ सौ मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 02.09.2023 ।
3. ई–निविदा प्राप्ति की अंतिम तिथि एवं समय :–11.09.2023 अपराह्न 5.00 बजे तक ।
4. (क) जिला नियंत्रण कक्ष, रॉची (ख) मुख्य अभियंता का कार्यालय, ग्रामीण कार्य विभाग, झारखण्ड, रॉची (ग) जिला नियंत्रण कक्ष, हजारीबाग में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय–12.09.2023 अपराह्न 3.30 बजे तक ।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग, इन्द्रपुरी चौक, हजारीबाग के नजदीक, हजारीबाग, झारखण्ड, पिन–825301 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (12.09.2023 अपराह्न 3.30 बजे तक) से पूर्व प्राप्त हो जाय । अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा ।
6. निविदा खोलने की, तिथि, समय एवं स्थान–13.09.2023 पूर्वाह्न 3.30 बजे, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग ।
7. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
7. ई–निविदा प्रकोष्ठ का दूरभाष सं0–06546–265286 ।
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक/अनुसूचित बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रुप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग के पक्ष में एवं हजारीबाग में भुगतेय होगा जो लौटाया नहीं जायेगा ।
9. यदि किसी कारणवश उपरोक्त अंकित तिथियों में अवकाश घोषित होता है तो अगले कार्यदिवस में अंकित कंडिकाओं का कार्य किया जायेगा एवं सभी शर्ते पूर्ववत रहेगी ।
10. परिमाण विपत्र की राशि घट या बढ़ सकती है।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग

PR 305825 Rural Work Department(23-24)#D

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା–୭୬୮୦୨୦, ଜିଲ୍ଲା– ସମ୍ବଲପୁର, ଓଡ଼ିଶା
ଫୋନ୍ (ଇପିବିଏକ୍ସ): ୦୬୬୩–୨୫୪୨୪୬୧ରୁ ୪୬୯ ୱେବସାଇଟ୍: www.mahanadicoal.in

**ବିଜ୍ଞପ୍ତି**

**ବିଷୟ: ସିପିଆର୍‌ଏମ୍‌ଏସ୍‌ଇ-ଏନ୍‌ଇ (ସଂଶୋଧିତ)ର ସଦସ୍ୟତା ନିମନ୍ତେ ସୁଯୋଗର ସମୟସୀମା ବୃଦ୍ଧି**

କୋଲ୍ ଇଣ୍ଡିଆ ଲିଃ (ମୁଖ୍ୟାଳୟ), କୋଲକାତା ଠାରେ ତା୦୪।୦୮।୨୦୨୩ରିଖ ଦିନ ଅନୁଷ୍ଠିତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ) ଟ୍ରଷ୍ଟର ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ୪ର୍ଥ ବୈଠକରେ ହୋଇଥିବା ବିଚାରବିମର୍ଶ ପରେ ସ୍ୱାକ୍ଷରିତ ହୋଇଥିବା ସଂକଳ୍ପ ଅନୁଯାୟୀ, ସିଆଇଏଲ/ସହାୟକ କମ୍ପାନୀର ସମସ୍ତ ଯୋଗ୍ୟ ପୃଥକୀକୃତ ଅଣ–ଅଧିକାରୀ ପାହ୍ୟାର କର୍ମଚାରୀଙ୍କ ସମେତ "ସିଆଇଏଲ୍ ଏବଂ ଏସ୍‌ସିସିଏଲ୍ ପାଇଁ ୧୦ମ ବେତନ ରାଜିନାମା" ଅବଧିରେ ପୃଥକୀକୃତ ହୋଇଥିବା ଏବଂ କୌଣସି କାରଣରୁ ଯୋଜନାର ସଦସ୍ୟ ହୋଇପାରି ନ ଥିବା ଅଣ–ଅଧିକାରୀ କର୍ମଚାରୀମାନଙ୍କ ନିମନ୍ତେ **ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)**ର ସଦସ୍ୟ ହେବାର ତାରିଖକୁ **ଶେଷ ସୁଯୋଗ ଭାବେ ତା୩୧।୧୨।୨୦୨୩ରିଖ** ପର୍ଯ୍ୟନ୍ତ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି । ଆର୍ଥିକ ତିଥିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ମଧ ଗ୍ରହଣ କରାଯାଇଛି ଯେ ଉକ୍ତ ତାରିଖ ଆଉ ଅଧିକ ବୃଦ୍ଧି କରାଯିବ ନାହିଁ ।

ସମସ୍ତ ଯୋଗ୍ୟ ସେବାନିବୃତ୍ତ ଅଣ–ଅଧିକାରୀ କର୍ମୀମାନେ ଏହି ସୁଯୋଗର ଲାଭ ନିଅନ୍ତୁ ।

R-5165 — ମହାପ୍ରବନ୍ଧକ (ପି ଆଣ୍ଡ ଆଇଆର୍)

**कार्यालय, जिला परिषद, राँची**

**शुद्धि-पत्र**

**PR No. 305527**

इस कार्यालय के द्वारा प्रकाशित अति अल्पकालीन ई–निविदा आमंत्रण सूचना टेन्डर रिफ्रेन्स नम्बर– DOPR/DE/Ranchi/14/2023-24 के ग्रुप संख्या 04 (खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण) को अपरिहार्य कारणों से अगले आदेश तक के लिए स्थगित किया जाता है। निविदा की शेष शर्ते यथावत रहेगी।

जिला अभियंता
जिला परिषद राँची

PR 305764 Panchayati Raj (23-24)_D

**WELFARE SCHEMES FOR EX-SERVICEMEN/WIDOWS**

Welfare schemes sponsored out of the Amalgamated Fund, Rajya Sainik Board, Odisha for Ex-Servicemen, Widows and their dependent children belonging to State of Odisha:-

- Merit Scholarships for children of ESM/Widows (PBOR only). **Courses eligible** - +2 level, Diploma, Degree level professional courses, MCA & MBA. **Rate of Scholarship:** For 10+2 and Diploma level courses @ Rs 12,000/- per year and @ Rs 18,000/-per year for Degree level courses, MCA/MBA.
- Education Grant to handicapped children of ESM/Widows (minimum disability 40%) starting from Class-I to PG level courses @ Rs 12,000/- per year irrespective of class.
- Financial assistance @ Rs 3,000/-pm for life to totally Blind/ Paraplegic ESM (PBOR only). Spouse and children of ESM suffering with similar disabilities are also eligible.
- Financial assistance @ Rs 3,000/-pm to spouse of deceased ESM for maintenance of mentally retarded children for life.
- Financial assistance @ Rs 2,000/-pm for life to non-pensioner ESM (PBOR only) who are above 60 years of age and for Widows no age restriction.
- Financial assistance @ Rs 3,000/-pm to the orphan children of ESM till they start getting pension in their bank account.
- Financial assistance @ Rs 1.00 lakh for daughter's marriage of Widows of JCOs for maximum two daughters only.
- One time grant of Rs 50,000/- to wards of ESM/Widows for getting commission in Army, Navy and Air Force.
- Financial assistance @ Rs 20,000/- per case for repair of house damaged in fire and other natural calamities (PBOR only).

To avail the benefits, eligible Ex-servicemen/Widows to contact/visit concerned Zilla Sainik Board.

Sd./- Secretary
Rajya Sainik Board, Odisha

# ଯାଜପୁରର ସମସ୍ତ କଲେଜ ୫-ଟିରେ ରୂପାନ୍ତର ହେବ

## ୫-ଟି ସଚିବଙ୍କ ଯାଜପୁର ଜିଲାକୁ ପ୍ରଥମ ଗସ୍ତ

ଯାଜପୁର ଟାଉନ,୨୯।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ଗସ୍ତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ପ୍ରଥମ ଥର ଆସିଛନ୍ତି। ଏହି ସମୟରେ ଯାଜପୁର ସହରର ପ୍ରଶାସନିକ ଭବନ ପଡ଼ିଆରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ କଲେଜର ଛାତ୍ରୀଛାତ୍ରମାନଙ୍କୁ ୬ମାସ ମଧ୍ୟରେ ଜିଲାର ସମସ୍ତ କଲେଜକୁ ୫-ଟିରେ ସାମିଲ କରି ରୂପାନ୍ତରଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ପାଣ୍ଡିଆନଙ୍କ ଯାଜପୁର ଜିଲାକୁ ୩ଦିନିଆ ଗସ୍ତ ସୂଚୀ ଥିବାବେଳେ ପ୍ରଥମ ଦିବସରେ ସେ ପ୍ରଶାସନିକ ଭବନ ପଡ଼ିଆଠାରେ ଜିଲାର ସମସ୍ତ କଲେଜ୍ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଏକଥା କହିଛନ୍ତି।



୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି।

ରୂପାନ୍ତରଣ ପରେ ଜିଲାର ସମସ୍ତ ସ୍ମାର୍ଟ କଲେଜ ସହ ସ୍ମାର୍ଟ କ୍ଲାସ୍ ରୁମ, ଇ-ଲାଇବ୍ରେରି, ସାଇନ୍ସ ଲ୍ୟାବ୍, ବୟେଜ କମନରୁମ୍, ଭଲ ଖାଇବା, ଭଲ ପିଇବା ପାଣି ଓ ଭଲ ଖେଳପଡ଼ିଆ କରାଯିବା ସହ ଆଗାମୀ ନୂଆବର୍ଷରେ ଛାତ୍ରୀଛାତ୍ର ଏହି ମହାବିଦ୍ୟାଳୟରେ ପଢ଼ିବେ ବୋଲି ସୂଚନା ପ୍ରଦାନ କରିଛନ୍ତି। ମୁମ୍ବାଇ, ଦିଲ୍ଲୀ, କଲିକତା ଓ ଚେନ୍ନାଇ ଭଳି ସହରରେ ଥିବା ମହାବିଦ୍ୟାଳୟ ଭଳି ଆମ ରାଜ୍ୟର ପିଲାମାନେ ଏ ସମସ୍ତ ସୁବିଧା ପାଇବେ ବୋଲି ପାଣ୍ଡିଆନ୍ କହିଛନ୍ତି। ଏହି ସବୁ ସୁବିଧା ପରେ ପିଲାମାନେ ଭଲ ପାଠପଢ଼ି ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ପ୍ରୟାସ କରିବା ମୁଖ୍ୟମନ୍ତ୍ରୀ ଚାହାନ୍ତି ବୋଲି ସଚିବ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଛନ୍ତି। ଏହାପରେ ସେଠାରେ ଉପସ୍ଥିତ ଥିବା ହଜାରହଜାର ସଂଖ୍ୟକ ଛାତ୍ରୀଛାତ୍ର କରତାଳି ଦେଇ ସଚିବଙ୍କୁ ସ୍ୱାଗତ କରିଥିଲେ। ସଭାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଚିବ ପ୍ରଥମେ ବ୍ୟାସନଗର ଚାନ୍ଦମା କାର୍ଯ୍ୟକ୍ରମ ସାରି ଯାଜପୁର ପ୍ରଶାସନିକ ଭବନ ପଡ଼ିଆଠାରେ ପହଞ୍ଚି ଥିଲେ। ପରେ ବିଞ୍ଝାରପୁର ଗସ୍ତରେ ଯାଇଥିଲେ।





ଯାଜପୁର ସହରର ପ୍ରଶାସନିକ ଭବନ ପଡ଼ିଆରେ ଅନୁଷ୍ଠିତ ୫-ଟି ସଚିବଙ୍କ ସଭାରେ ଯୋଗଦେଇଥିବା ବିଭିନ୍ନ କଲେଜର ଛାତ୍ରୀଛାତ୍ର।



ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦିତ୍ୟ



@ ବଳରାମ



@ ବାଶା ହମ୍ମଦ



@ ଅଙ୍କିତା



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୃତ ହରିଣ ଜବତ

କୁଜଙ୍ଗ,୨୯।୮ (ମନୋଜ ପ୍ରଧାନ)

କୁଜଙ୍ଗ ବନବିଭାଗ ଢିଙ୍କିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ମଙ୍ଗଳାପଡାରୁ ଏକ ମୃତ ହରିଣ ମଙ୍ଗଳବାର ଜବତ କରାଯାଇଛି। ମଙ୍ଗଳାପଡାର ଏକ କିଆ ଗୋହିରିରୁ ମୃତ ହରିଣକୁ ଠାବ କରାଯାଇଥିବା କେତେଜଣ କହୁଥିବା ବେଳେ ଆଉ କେତେଜଣ ଏକ ପାଚେରୀ ପରିସରରୁ ମୃତ ହରିଣ ମିଳିଥିବା କହୁଛନ୍ତି। ଏନେଇ ବନ ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଉନାହିଁ। ଅପରପକ୍ଷେ ଏରସମା ପ୍ରାଣୀ ଚିକିତ୍ସାଳୟରେ ହରଣର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।



## ଡେଙ୍ଗୁରେ ଆଖି ବୁଝିଲେ ଅଙ୍ଗନୱାଡି କର୍ମୀ

ବିଞ୍ଝାରପୁର,୨୯।୮ (ରାମକୃଷ୍ଣ ଦାସ):

**କଲ୍ୟାଣପୁରରେ ରକ୍ତ ନମୁନା ସଂଗ୍ରହ କରୁଛି ଡାକ୍ତରୀ ଟିମ୍**

ଡେଙ୍ଗୁରେ ଆକ୍ରାନ୍ତ ହୋଇ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗ୍ରାମର ରମେଶ ଚନ୍ଦ୍ର ବାରିକଙ୍କ ସ୍ତ୍ରୀ ରୀତାରାଣୀ ବାରିକଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ରୀତାରାଣୀ ରୁଦ୍ରପୁର ଅଙ୍ଗନୱାଡି ୧ର କର୍ମୀ ଥିଲେ। ୩ ଦିନ ପୂର୍ବରୁ ତାଙ୍କୁ ଜ୍ୱର ହୋଇଥିଲା। ପରୀକ୍ଷା କରିବାରୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ସେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ସିଡିପିଓ ରୁକ୍ମଣୀ ସାହୁ ରୀତାରାଣୀଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସ୍ୱାନ୍ତନା ଦେଇଛନ୍ତି। ଅନ୍ୟପକ୍ଷରେ ଡେଙ୍ଗୁ ନିରାକଣରେ ଅଙ୍ଗନୱାଡି କର୍ମୀଙ୍କ ପ୍ରମୁଖ ଭୂମିକା ରହୁଥିବାବେଳେ ଏଠାରେ ଜଣେ ଅଙ୍ଗନୱାଡି କର୍ମୀ ଡେଙ୍ଗୁରେ ପ୍ରାଣ ହରାଇବା ଘଟଣା ସଭିଙ୍କୁ ଚକିତ କରିଛି। ଏହି ଘଟଣା ଜଣାପଡ଼ିବା ପରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ ଡାକ୍ତର, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ, ବିପିଏମ ପିଏଚ୍‌ଓ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ କଲ୍ୟାଣପୁରର ସମଲପୁର ଗ୍ରାମରେ ପହଞ୍ଚି ସାଧାରଣଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ ବିଞ୍ଝାରପୁର ବ୍ଲକରେ ଏବେ ବିଭିନ୍ନ ଅଞ୍ଚଳରେ ଡେଙ୍ଗୁକୁ ନେଇ ଆତଙ୍କ ଦେଖାଯାଉଥିବାବେଳେ ସ୍ୱାସ୍ଥ୍ୟବିଭାଗ ଦପ୍ତରରେ ବିଞ୍ଝାରପୁରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଶୂନ ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକୃତ ତଥ୍ୟ ଲୁଚାଯାଉଛି ବୋଲି ଅଭିଯୋଗ ହୋଇଛି।



ରାଜକନିକା ବ୍ଲକରେ ପାଣି ଅଭାବରୁ ଧାନ ରୁଆ ହୋଇଥିବା ଜମି ଫାଟି ଆଁ କରିଛି।

## ଦାଉ ସାଧୁଛି ନିଅଣ୍ଟିଆ ବର୍ଷା, ଚାଷୀକୁଳ ହତାଶ

ରାଜକନିକା,୨୯।୮ (ସଞ୍ଜୟ କୁମାର ଦାଶ)

- ନାହିଁ ଜଳସେଚନ ବ୍ୟବସ୍ଥା
- ପୋତିହୋଇ ପଡ଼ିଲାଣି କେନାଲ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଞ୍ଚଳରେ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ଘେରି ରହିଥିବା ବେଳେ ଜଳ ବିନା ଚାଷ ଓ ଚାଷୀ ଉଭୟ ପ୍ରଭାବିତ ହେବାରେ ଲାଗିଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀମାନଙ୍କ ତତ୍ପରତା ଆଦୌ ନ ଥିବା ଦେଖିବାକୁ ମିଳିଛି। ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ହାତଗଣତି କେତୋଟିକୁ ଛାଡି ଦେଲେ ଅଧିକାଂଶରେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀ। ରାଜକନିକାର ପୂର୍ବଠାରୁ ପଶ୍ଚିମ କନିକାର ଅଧିକାଂଶ ଜନସାଧାରଣ ଚାଷ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ପିଲାଙ୍କ ପାଠପଢା, ଦେହ ପା ଭଲ ମନ୍ଦରେ ହସ୍ପିଟାଲ ଖର୍ଚ୍ଚ ମଧ୍ୟ ଏହି ଚାଷରୁ ହିଁ ଉଠାଇଥାନ୍ତି। ହେଲେ ଏଥର ନିଅଣ୍ଟିଆ ବର୍ଷା ସାଙ୍ଗକୁ ଗଜା ମରୁଡ଼ି ଅନୁମାନ କରାଯାଉଥିବା ନେଇ ସାରା ବ୍ଲକର ଚାଷୀକୁଳ ହତାଶ ହୋଇପଡିଥିବା ଦେଖିବାକୁ ମିଳିଛି। ଗୋଟେ ପଟେ ଋଣ ଶୁଝିବାର ଚିନ୍ତା, ଅନ୍ୟପଟେ ପିଲାଛୁଆ ସଂସାରର ବୋଝ। ଏପରିସ୍ଥଳେ କ'ଣ କରିବ, କେମିତି ବଞ୍ଚିବ ଚାଷୀ। ଏହାକୁ ଚିନ୍ତା କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନିୟମିତ ପାଣିପାଗ। ପୂର୍ବରୁ ମୌସୁମୀର ଆଗମନ। ନିଅଣ୍ଟିଆ ବର୍ଷା ଚାଷ ଓ ଚାଷୀ ଉପରେ ଘୋର ପ୍ରଭାବ ପକାଇଛି। ଆସନ୍ନ ଗଜା ମରୁଡି ସମ୍ଭାବନା ଥିବାବେଳେ ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଛି। ବର୍ଷାକୁ ଅପେକ୍ଷା କରି ଗତ ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ମନରେ ଆଣ୍ଟବାନ୍ଧି ଚାଷୀ ଚାଷ କରିବାକୁ ମନ ବଳାଇଥିଲେ। ମୁଣ୍ଡଖାଳ ତୁଣ୍ଡରେ ମାରି, ଦଣ୍ଡେ ଖାଇ ଢୋକେ ପିଇ ସଞ୍ଚିତ, ହାତ ଉଦ୍ଧାରି ଓ ବ୍ୟାଙ୍କ ଏବଂ ସୋସାଇଟିରୁ ଉଦ୍ଧାର କରି ଟ୍ରାକ୍ଟର ସାହାଯ୍ୟରେ ହଳ କରିଥିଲେ। ବିଳମ୍ବରେ ହେଉ ପଛେ ବର୍ଷାକୁ ଦେଖି ତଳି ପକାଇବାଠାରୁ ଅଛଡା, ରୁଆ ଓ ବେଉଷଣ କାମ ସୁରୁଖୁରୁରେ କରି ଚାଷ କାର୍ଯ୍ୟ ସାରିଦେବ ବୋଲି ମନରେ ଆଶା ବାନ୍ଧିଥିଲା। ହେଲେ ବିଲରେ ହଳକରି ତଳିପକାଇବା ଏବଂ ଅଛାଡି ସାରିବା ପରେ ଦାଉ ସାଧିଲା ବର୍ଷା। ଠିକ ରୁଆ ଓପଡା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବର୍ଷା ସମ୍ପୂର୍ଣ୍ଣ ଛାଡିଗଲା। ଏବେ ପ୍ରବଳ ଖରା ସାଙ୍ଗକୁ କାଁ ଭାଁ କେତେବେଳେ କେମିତି ମାଟିର ବାସ୍ନା ବାହାରିବା ପରି ଛିଞ୍ଚିଦେଉଛି ବର୍ଷା। ବର୍ଷା ଅଭାବ କାରଣରୁ ବିଲଗୁଡିକ ଫାଟି ଆଁ କଲାଣି। ଯେଉଁମାନେ ଆଗତୁରା ରୁଆ ବେଉଷଣ କାର୍ଯ୍ୟ ସାରିଥିଲେ ସେମାନଙ୍କ ବିଲ ଫାଟି ଆଁ କରିଥିବା ବେଳେ ଧାନଗଛଗୁଡିକ କିଛି କିଛି ମରିଗଲାଣି। ଆଉ କିଛି ମରିବାକୁ ବସିଲାଣି। ରୁଆ ଅପେକ୍ଷାରେ ଥିବା ତଳି ଜଳିପୋଡି ନଷ୍ଟ ହୋଇଗଲାଣି। ଏପଟେ ତଳି ରୁଆ ପାଇଁ ପାଗ ହୋଇଥିବା ବିଲଗୁଡିକ ଜଳ ଅଭାବରୁ ଶୁଖିଗଲାଣି ତ ଅନ୍ୟପକ୍ଷେ ତଳିଗୁଡିକ ନଷ୍ଟ ହୋଇଯିବା କାରଣରୁ ରୁଆ ଉପଯୋଗୀ ହୋଇ ନାହିଁ। ଏପରିସ୍ଥଳେ ଚାଷୀ ଧାରକରଜ କରି ହଳ କଲା, ବିହନ ଯୋଗାଡକରି ତଳି ପକାଇଲା, ସାର-କୀଟନାଶକ ପ୍ରୟୋଗକରି ମଜୁରି ମଧ ଦେଲା। ଭାବିଥିଲା ଚାଷରୁ ଉପାର୍ଜିତ ଅର୍ଥରେ କରଜ ଶୁଝିବ। ହେଲେ ଚାଷରୁ ଆୟ ପରିବର୍ତ୍ତେ ସମ୍ଭାବ୍ୟ ଗଜାମରୁଡି ଆଶଙ୍କାକରି ମୁଣ୍ଡରେ ହାତଦେଇ ବସିଛି। ଉଠା ଜଳସେଚନର ବ୍ୟବସ୍ଥା ନ ଥିବା ବେଳେ ଜୋଡ ବା କେନାଲଗୁଡିକ ପୋତିହେଇ ପଡିଲାଣି ବୋଲି ଅଭିଯୋଗ ହୋଇଛି।

## ଗ୍ରାମ୍ୟ ରାସ୍ତା ନିର୍ମାଣରେ ଅବହେଳା

- ସାଧାରଣ ନିର୍ବାଚନ ପୂର୍ବରୁ ଉଠିଲାଣି ସ୍ୱର
- ନିର୍ମାଣ ଅପେକ୍ଷାରେ ୮୪୧୪ ଗ୍ରାମାଞ୍ଚଳ ରାସ୍ତା ପ୍ରକଳ୍ପ
- ଜରୁରିକାଳୀନ ସମୟରେ ଆଶ୍ୱସ୍ତି ମିଳୁନାହିଁ

କେନ୍ଦ୍ରାପଡ଼ା, ୨୯।୮ (ଜଗନ୍ନାଥ ଧଳ)

ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ଅଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ସଙ୍ଗଠନକୁ ମଜଭୁତ ପାଇଁ ରଣକୌଶଳ ଆରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାର ଲୋକ ପ୍ରତିନିଧି ଏବେ ଗ୍ରାମାଞ୍ଚଳ ରାସ୍ତାକୁ ନେଇ ସମସ୍ୟାରେ ପଡ଼ିଛନ୍ତି। ଗତ ଲଗାଣ ବର୍ଷା ଓ ବନ୍ୟା ଗ୍ରାମ ରାସ୍ତାକୁ ବେହାଲ କରିଛି। ସାମାଜିକ ଗଣମାଧ୍ୟମରେ ଆମ ଗାଁକୁ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଆଲୋଚନା ହେଉଛି। ବର୍ଷା, ବନ୍ୟାରେ ବେହାଲ ରାସ୍ତାରେ ଆମ୍ବୁଲାନ୍ସ, ଦମକଳ ଆଦି ପହଞ୍ଚି ପାରି ନ ଥିବା ଓ ଗ୍ରାମାଞ୍ଚଳ ଲୋକ ଏଥିପାଇଁ ହଇରାଣ ହେଉ ଥିବାରୁ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ ହେଉଛି। ଗ୍ରାମାଞ୍ଚଳର ରାସ୍ତାର ଦୁରବସ୍ଥା ସମ୍ପର୍କରେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ତଥ୍ୟକୁ ଦେଖିଲେ ଏହାର ବାସ୍ତବତା ଉପଲବ୍ଧି ହେଉଛି। କେନ୍ଦ୍ରାପଡ଼ା ଜିଲାର ୯ ବ୍ଲକରେ ୨୪୯ ପଞ୍ଚାୟତ। ଏହି ପଞ୍ଚାୟତଗୁଡ଼ିକରେ ସମୁଦାୟ ୮୪୧୪ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ଅପେକ୍ଷାରେ ଥିବା ପଞ୍ଚାୟତିରାଜ ବିଭାଗର ତଥ୍ୟ ଦର୍ଶାଉଛି। ଚଳିତ ଆର୍ଥିକବର୍ଷରେ ସମୁଦାୟ ୯୫୦୬ଟି ରାସ୍ତା ନିର୍ମାଣ ପ୍ରକଳ୍ପ ଏହି ଯୋଜନାରେ କାର୍ଯ୍ୟକାରୀ ପାଇଁ ଜିଲା ପ୍ରଶାସନର ମଞ୍ଜୁରି ମିଳିଥିଲା। ଏଥିମଧ୍ୟରୁ ମାତ୍ର ୯୨ଟି ରାସ୍ତା ନିର୍ମାଣ ହୋଇଛି। ସେହିପରି ୫ ହଜାରରୁ ଊର୍ଦ୍ଧ୍ୱ ରାସ୍ତା ପ୍ରକଳ୍ପକୁ ମଞ୍ଜୁରି ମିଳିନାହିଁ। ମୋଟ ୨୮୬୮ଟି ପ୍ରକଳ୍ପ ମଞ୍ଜୁରି ପାଇଥିବା ବେଳେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ୫୫୪୬ଟି ଗ୍ରାମାଞ୍ଚଳ ରାସ୍ତା ନିର୍ମାଣାଧୀନ ଥିବା ବିଭାଗୀୟ ତଥ୍ୟରେ ଉଲ୍ଲେଖ ଅଛି। ଗରଦପୁର, ମାର୍ଶାଘାଇ, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଗୋଟିଏ ବି ଗ୍ରାମାଞ୍ଚଳ ରାସ୍ତା ଚଳିତ ଆର୍ଥିକବର୍ଷରେ ନିର୍ମାଣ ସରିନାହିଁ। ଚଳିତବର୍ଷ ଲଗାଣ ବର୍ଷା ଓ ବନ୍ୟା ରାଜକନିକା, ରାଜନଗର, ମହାକାଳପଡ଼ା, ଆଳି, ଡେରାବିଶ, ଗରଦପୁର ବ୍ଲକ ଅଞ୍ଚଳରେ ବିଶେଷ ପ୍ରଭାବ ପକାଇଛି। ସୋମବାର ମହାକାଳପଡ଼ାରେ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ପେଟଛେଲା ପଞ୍ଚାୟତର ଶବରପଲ୍ଲୀର ବୃଦ୍ଧା ଦୁଃଖୀ ଭକ୍ତା (୬୫) ବାବୁ ଆମକୁ ରାସ୍ତା କେବେ ଦେବୁ, କାହିଁକି ହୋଇନି ଏଭଳି ଏକ ସଙ୍ଗିନ ଅଭିଯୋଗ ଆଣିଥିଲେ। ଏଥିରୁ ପ୍ରତୀୟମାନ ହେଉଛି ଜିଲା ପ୍ରଶାସନ ଗ୍ରାମଞ୍ଚଳ ରାସ୍ତା ନିର୍ମାଣ କ୍ଷେତ୍ରରେ ଅବହେଳା କରୁଛନ୍ତି। ବେହାଲ ରାସ୍ତା ପାଇଁ ଆର୍ଥିକ ଓ ସାମାଜିକ ପ୍ରଗତିରେ ପ୍ରତିବନ୍ଧ ସୃଷ୍ଟି ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ସାମାଜିକ କର୍ମୀ ବିଭୂତି ଭୂଷଣ ରାଉତ କହିଛନ୍ତି, ରାସ୍ତା ନିର୍ମାଣକୁ କେବଳ ପଞ୍ଚାୟତିରାଜ ବିଭାଗ ନୁହେଁ, ପୂର୍ତ୍ତ, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଲୁଣା ତଟବନ୍ଧ ଆଦି ବିଭାଗର ଅଧିକାରୀ ଅବହେଳା କରୁଛନ୍ତି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଗଣତାନ୍ତ୍ରିକ ଦେଶର ମୂଳ ଲକ୍ଷ୍ୟ। ମୌଳିକ ସୁବିଧା ଯୋଗାଇବା ପାଇଁ ସୁଗମ ପଥ ଆବଶ୍ୟକ। ଯାତାୟାତ ବ୍ୟବସ୍ଥା ନ ଥିଲେ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପ୍ରଗତି ହୋଇପାରିବ ନାହିଁ। ଗ୍ରାମାଞ୍ଚଳର ବେହାଲ ରାସ୍ତା ପାଇଁ ପ୍ରସୂତି ଓ ରୋଗୀ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ସେହିପରି ଶିକ୍ଷା, ପାନୀୟ ଜଳ ଯୋଗାଣ ଆଦି ବାଧକ ହେଉଛି। ଏପରି କି ବିପଦ ସମୟରେ ଆମ୍ବୁଲାନ୍ସ ଓ ଦମକଳ ପହଞ୍ଚି ପାରୁନାହିଁ। ଭାଟେଣି ଗ୍ରାମର ଗୌତମ ବେହେରା କହିଛନ୍ତି, ଉପାନ୍ତ ଅଞ୍ଚଳରେ ଗମନାଗମନ ସମସ୍ୟା ଦେଶ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ସମାଧାନ ହୋଇପାରିନାହିଁ । ମହାକାଳପଡା, ରାଜକନିକା, ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ ଯାତାୟାତକୁ ନଦୀ ନାଳ ରୋକୁଥିବା ବେଳେ ବର୍ଷାଦିନେ ଜରୁରୀ ସେବା ମିଳିବା କଷ୍ଟ ହେଉଛି। ଚଳିତବର୍ଷରେ ଲଗାତର ବର୍ଷା ରାସ୍ତା ଅବସ୍ଥାକୁ ଶୋଚନୀୟ କରିଛି। ବଡକୂଳ, କରଞ୍ଜି, ବଡିଘର ପଞ୍ଚାୟତ ସମେତ ବିଜୟନଗର, ବଳିପାଳ, ଦଶୀପୁର, ରାଧାନଗର, କେୟାରବାଙ୍କ, ଗୁଲୁଦୁଆ ରାସ୍ତା ଆଦିର ଅବସ୍ଥା ଏବେ ଶୋଚନୀୟ ହୋଇଛି। ରାସ୍ତା ନିର୍ମାଣ ନାହିଁ ତ ଭୋଟ ନାହିଁ ବୋଲି ସେ ମତ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, କଣ୍ଟିଆ ନାଳ ସେତୁ ଓ ଦାଣ୍ଡିସାହିରୁ ସିଂହଗାଁ ରାସ୍ତା ନିର୍ମାଣ ଦୀର୍ଘ ୯ ବର୍ଷ ଧରି ନିର୍ମାଣ କାର୍ଯ୍ୟ ସରୁନାହିଁ। ଫଳରେ ଧୋୟା ଅଞ୍ଚଳ ସାମାନ୍ୟ ବର୍ଷାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି। ଏ ସମ୍ପର୍କରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ସମସ୍ୟାକୁ ନେଇ ବହୁବାର ବୈଠକ ହୋଇଛି। ଏ ନେଇ ବିଭିନ୍ନ ବିଭାଗକୁ ସଜାଗ କରାଯାଇଛି। ଗତ ଏପ୍ରିଲ ମାସରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଗୁରୁତ୍ୱ ଦିଆଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ତେବେ ଲଗାଣ ବର୍ଷା ଓ ବନ୍ୟା ଗ୍ରାମାଞ୍ଚଳ ରାସ୍ତା ନିର୍ମାଣରେ ବାଧକ ସାଜିଥିଲା ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ରାସ୍ତା କାଦୁଅ ହୋଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩୦ ଅଗଷ୍ଟ, ୨୦୨୩



# ନୟାଗଡ଼ରେ ଘାତକ ସାଜିଛି ଡେଙ୍ଗୁ

- ନେଲାଣି ୨ଜଣଙ୍କ ଜୀବନ, ୧୧୬ ଆକ୍ରାନ୍ତ
- ସିଡିଏମ୍‌ଓ କହିଲେ କେହି ରୋଗୀ ନାହାନ୍ତି
- ଦୁଇ ହସ୍ପିଟାଲ ମ୍ୟାନେଜର ଉଠାଉ ନାହାନ୍ତି ଫୋନ
- ଟ୍ରେନିଂରେ ଅଛନ୍ତି ସୁପରିଟେଣ୍ଡେଣ୍ଟ

ନୟାଗଡ଼,୨୯ ।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲାରେ ଘାତକ ସାଜିଛି ଡେଙ୍ଗୁ। ଡିଆଁ ରୋଗ ଭଳି ଏହା ମାଡ଼ି ଚାଲିଛି । ଗତ ୧୭ ଦିନ ମଧ୍ୟରେ ୨ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି । ପୁଣି ୧୧୬ ଆକ୍ରାନ୍ତ ହୋଇଛନ୍ତି। ଏଭଳିସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ରମାକାନ୍ତ ପଣ୍ଡା କହୁଛନ୍ତି, ଜିଲାରେ ଡେଙ୍ଗୁ ରୋଗୀ ନାହାନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ସୁଧାଂଶୁ ଷଡ଼ଙ୍ଗୀ କହୁଛନ୍ତି, ମୁଁ ଟ୍ରେନିଂରେ ଅଛି । ଦୁଇ ହସ୍ପିଟାଲ ମ୍ୟାନେଜର ଅଭିରାମ ସାହୁ ଓ ଶୁଭାଶିଷ ସାଥୁଆ ଫୋନ ଉଠାଉନାହାନ୍ତି । ସ୍ୱାସ୍ଥ୍ୟ ବିଭାଗ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏଭଳି ଅଜବ ଚିତ୍ର ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ପଦାରେ ପକାଇଛି । ଜିଲାକୁ କେବଳ ଭଗବାନ ଭରସା ବୋଲି ଆଲୋଚନା ଜୋର ଧରିଛି । ନୟାଗଡ଼ ଜିଲା ମଶାଙ୍କ ଏନ୍ତୁଡିଶାଳ ପାଲଟିଛି । ଗତ ୧୩ ତାରିଖରେ ଡିମିଶର ଗାଁର ସୁରେଶ ଚନ୍ଦ୍ର ସ୍ୱାଇଁ(୩୯) ଡେଙ୍ଗୁ ରୋଗରେ ପ୍ରାଣ ହରାଇଥିଲେ । ସେହିପରି ଗତ ୨୮ ତାରିଖରେ ହିଞ୍ଜଳଗାଡିଆ ଗାଁର ମିନି ହାତୀ(୩୫)ଙ୍କ ମୃତ୍ୟୁ ହୋଇଛି । ସୁରେଶ ଓ ମିନି ଡେଙ୍ଗୁରେ ପ୍ରାଣ ହରାଇବା ପରେ ଡିମଶର, ହିଞ୍ଜଳଗାଡିଆ ଗାଁ ସମେତ ନୟାଗଡ଼ ଜିଲାରେ ଭୟର ବାତାବରଣ ଦେଖା ଦେଇଛି । ଏହାପରେ ବି ପ୍ରଶାସନର ପଦକ୍ଷେପ ନାହିଁ । ଦିଆଯାଉନି ମଶା ଧୂଆଁ କି ପଡୁନି ବ୍ଲିଚିଂ ପାଉଡର। ସ୍ୱାସ୍ଥ୍ୟ ବିଭାଗ, ପୌର ପ୍ରଶାସନ ଚୁପ ହୋଇ ବସିଛି । ଜିଲା ପ୍ରଶାସନ କି ରାଜ୍ୟ ସରକାରଙ୍କ ଅଙ୍କୁଶ ନାହିଁ । ଅନ୍ୟପକ୍ଷେ ଜିଲାରେ ଡେଙ୍ଗୁ ଘାତକ ସାଜିଥିବାବେଳେ ସିଡିଏମ୍‌ଓ ରୋଗୀ ନ ଥିବା କହିବା ସ୍ୱାସ୍ଥ୍ୟ ବିଭାଗର ଅସଲି ଚିତ୍ରକୁ ପଦାରେ ପକାଇଛି । ଏନେଇ ଆଇନଜିବୀ ରଣଜିତ୍ ଦାଶ କୁହନ୍ତି, ଜିଲାରେ ସ୍ୱାସ୍ଥ୍ୟସେବା ଭୁଶୁଡି ପଡିଛି । ଡେଙ୍ଗୁ ରୋଗ ଘାତକ ପାଲଟିଲାଣି । ଏଭଳିସ୍ଥଳେ ସିଡିଏମ୍‌ଓ ଜିଲାରେ ରୋଗୀ ନ ଥିବା କହିବା ଚିନ୍ତାର କାରଣ ହୋଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜିଲାର ମୁଖ୍ୟ ହୋଇ ଡେଙ୍ଗୁ ଖବର ନେଇ ଅବଗତ ନ ଥିବାରୁ ତାଙ୍କୁ ନିଲମ୍ବନ କରିବା ଦରକାର । ନଚେତ୍ ସ୍ୱାସ୍ଥ୍ୟ ବିଭାଗର ସ୍ଥିତି ସୁଧୁରିବ ନାହିଁ । ନୟାଗଡ଼ ପୌର ପ୍ରଶାସନର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କୁହନ୍ତି, ସିଡିଏମ୍‌ଓ ଲୋକଙ୍କ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ ଉଠାଉ ନାହାନ୍ତି । ପଚାରିଲେ କହୁଛନ୍ତି ମୁଁ ରୋଗୀ ଲୋକ, ଅଯଥାରେ ମତେ ଡିଷ୍ଟର୍ବ କର ନାହିଁ । ଏଭଳିଆ ସିଡିଏମ୍‌ଓ ରହିଲେ ସ୍ୱାସ୍ଥ୍ୟସେବା କଥା କେହି ବୁଝିବ ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଗଣିଆର ସୌଦାମିନି ନାୟକ, ଖଣ୍ଡପଡ଼ାର ବିଦ୍ୟୁତଲତା ସାହୁ, ନୟାଗଡ଼ର ସୁଷମା ପ୍ରଧାନ କୁହନ୍ତି, ଜିଲାରେ ଡେଙ୍ଗୁ ତାର କାୟା ବିସ୍ତାର କରି ଚାଲିଛି । ସ୍ୱାସ୍ଥ୍ୟ, ପୌର ବିଭାଗ, ଜିଲା ପ୍ରଶାସନ, ପଞ୍ଚାୟତ କାହାରି ସଚେତନତା ନାହିଁ । ଏଭଳି ସ୍ଥିତି ଲାଗି ରହିଲେ ସେପ୍ଟେମ୍ବର ବେଳକୁ ଜିଲାରେ ରୋଗଙ୍କ ସଂଖ୍ୟା ବଢ଼ିବେ ଏଥିରେ ସନ୍ଦେହ ନାହିଁ । ଘରେ ଘରେ ଡେଙ୍ଗୁ ରୋଗୀ ଦେଖିବାକୁ ମିଳିବ । ଜିଲାପାଳ, ବିଧାୟକମାନେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଦରକାର । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ଡେଙ୍ଗୁ ରୋଗୀ ବଢ଼ିବା ଚିନ୍ତାର କାରଣ । ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କାହିଁକି ପଦକ୍ଷେପ ନେଉନି ସେନେଇ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବି । ଅନ୍ୟପକ୍ଷେ ସିଡିଏମ୍‌ଓ ଫୋନ ନ ଉଠାଇବା, ୭ଟା ପରେ ଫୋନ ନ କରିବାକୁ ପରାମର୍ଶ ଦେବା, ନିଜକୁ ରୋଗୀ ବୋଲି କହିବା ଘଟଣା ଉପରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ଜବତ

ଭାପୁର,୨୯ ।୮(ଭରତ କୁମାର ବେହେରା) ଫତେଗଡ଼ ଥାନା ବନମାଳୀପୁର ପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ସୁମତି ବେହେରା (୪୭)ଙ୍କ ମୃତଦେହ ପୋଲିସ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଜବତ କରିଛି । ଗତ ୧୫ ଦିନ ହେବ ସେ ନିଖୋଜ ଥିଲେ । ହେଲେ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ତୋଟାରୁ ତାଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ୨୦୨୧ ସେପ୍ଟେମ୍ବର ୧୯ରେ ସେ ନିଖୋଜ ଥିଲେ । ଏ ସଂକ୍ରାନ୍ତରେ ତାଙ୍କ ସ୍ୱାମୀ ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ । ଏହାର କିଛି ଦିନ ପରେ ସେ ଘରକୁ ଫେରିଥିଲେ। ତାଙ୍କର ମାନସିକ ଅବସ୍ଥା ଠିକ ନ ଥିବା ଯୋଗୁ ସେ ବାରମ୍ବାର ଘରୁ କୁଆଡ଼େ ଚାଲିଯାଉଥିଲେ ବୋଲି ସ୍ୱାମୀ ଗଦାଧର ବେହେରା ଥାନାରେ ଅଭିଯୋଗ କରିଥିଲେ।

### ସନ୍ଧ୍ୟା ହେଲେ ସର୍ଜରି ୱାର୍ଡ ସମ୍ମୁଖରେ କୁକୁରଙ୍କ ଭିଡ଼

ନୟାଗଡ,୨୯ ।୮(ଲୋକନାଥ ମିଶ୍ର): ସନ୍ଧ୍ୟା ହେଲେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡ ସମ୍ମୁଖରେ କୁକୁରଙ୍କ ଆଡ୍ଡା ଜମୁଛି। ପୁଣି ସେଠାରେ ବାଇକ୍ ଷ୍ଟାଣ୍ଡ ପରି ଦୃଶ୍ୟ ଦେଖିବାକୁ ମିଳୁଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ବାଇକ୍ ରଖି ନ ଥାନ୍ତି । ହେଲେ ଚିକିତ୍ସାଳୟର କର୍ମଚାରୀ ନିଜର ବାଇକ୍‌କୁ ସର୍ଜରି ୱାର୍ଡରେ ରଖି ରାତିରେ ଡ୍ୟୁଟି କରୁଛନ୍ତି ବୋଲି ଅଭିଯୋଗ ହେଉଛି ।

### ଖୋଲା ଆକାଶ ତଳେ ଦାଶିଆ ଅଜା

ନୟାଗଡ଼,୨୯ ।୮(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ପ୍ରବାଦ ପୁରୁଷ, ପାଠାଗାର ଆନ୍ଦୋଳନର ସ୍ରଷ୍ଟା, ପ୍ରତିଷ୍ଠିତ ସଂଗ୍ରାହକ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଖୋଲା ଆକାଶ ତଳେ ପଡି ରହିଛି । ଖରାବର୍ଷାରେ ପ୍ରତିମୂର୍ତ୍ତି ଠିଆ ହୋଇଛି । ଉକ୍ତ ପ୍ରତିମୂର୍ତ୍ତିକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସ୍ଥାପନ କରିଥିଲେ । ଇତିମଧ୍ୟରେ ୫ ବର୍ଷ ବିତିଥିଲେ ବି ପ୍ରତିମୂର୍ତ୍ତି ଉପରେ ଛାତ ନିର୍ମାଣ କରାଯାଇପାରି ନାହିଁ । ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟର ଅଧ୍ୟକ୍ଷ ଜିଲାପାଳ ଥିବାବେଳେ ଦାଶିଆ ଅଜାଙ୍କୁ ଅଣଦେଖା କରାଯାଉଥିବାରୁ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି । ଦାଶିଆ ଅଜାଙ୍କର ପ୍ରତିମୂର୍ତ୍ତିରୁ ରଙ୍ଗ ଛାଡି ଗଲାଣି । ପୁଣି ସ୍ଥାନେ ସ୍ଥାନେ ପଥର ଖସିଲାଣି । ପ୍ରତିମୂର୍ତ୍ତିଟି ଭୁଶୁଡ଼ି ପଡ଼ିବାର ସମ୍ଭାବନା ରହିଛି । ଏଭଳିସ୍ଥଳେ ପ୍ରତିମୂର୍ତ୍ତିକୁ ମରାମତି କରି ରଙ୍ଗ କରିବାକୁ ଦାବି ହୋଇଛି ।

# ୮ ଶ୍ରେଣୀ ପାଇଁ ୩ ଶିକ୍ଷକ



ବନ୍ଧାମୁହଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

- ବନ୍ଧାମୁହଁ ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା
- ପାନୀୟ ଜଳର ଅଭାବକୁ ନେଇ ଛାତ୍ରୀଛାତ୍ର ହନ୍ତସନ୍ତ
- ପାଚେରୀ ନାହିଁ, ନୂତନ ଶୌଚାଳୟ ଜରୁରୀ

ନୂଆଗାଁ,୨୯ ।୮(ଧନେଶ୍ୱର ସାହୁ) ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତରେ ଥିବା ବନ୍ଧାମୁହଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟା ଭିତରେ ଗତି କରୁଛି । ଉକ୍ତ ସ୍କୁଲରେ ଶ୍ରେଣୀଗୃହର ଅଭାବ ରହିଥିବା ବେଳେ ଆବଶ୍ୟକ ଶିକ୍ଷକ ନାହାନ୍ତି । ପାନୀୟ ଜଳ, ଶୌଚାଳୟ ଆଦି ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରାଥମିକ ଆବଶ୍ୟକତାର ଅଭାବ ରହିଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ, ବନ୍ଧାମୁହଁ ପ୍ରାଥମିକ ବିଦ୍ୟାଳୟ ୧୯୮୭ରେ ପ୍ରତିଷ୍ଠା କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ସ୍କୁଲରେ ଗତ ଜୁଲାଇ ମାସରେ ଷଷ୍ଠ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗ କରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ କରାଯାଇଛି । ତେବେ ବର୍ତ୍ତମାନ ସମ୍ପୃକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୧ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ପଢାଇବା ପାଇଁ ମାତ୍ର ୩ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ସେହି ୩ ଶିକ୍ଷକଙ୍କ ମଧ୍ୟରୁ ଜଣେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି । ଶ୍ରେଣୀ ଗୃହ ନିମନ୍ତେ ରହିଥିବା କୋଠରୀଗୁଡିକ ବହୁ ପୁରାତନ ହୋଇଥିବାରୁ ଛାତ ଓ ଆଜବେଷ୍ଟରୁ ପାଣି ଗଳୁଛି । ବିଦ୍ୟାଳୟ ଓ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ଦୃଷ୍ଟିରୁ ସ୍କୁଲ ଚାରିପାଖରେ ପାଚେରୀର ଆବଶ୍ୟକତା ରହିଥିଲେ ମଧ୍ୟ ତାହା କରାଯାଉନାହିଁ । ଛାତ୍ରୀଛାତ୍ରମାନଙ୍କ ପାଇଁ ପାନୀୟ ଜଳ ଏକାନ୍ତ ଆବଶ୍ୟକ । ତେବେ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଆକ୍ୱାଗାର୍ଡ ଲଗାଯାଇଛି । କିନ୍ତୁ ଜଳ ଯୋଗାଣର କୌଣସି ବ୍ୟବସ୍ଥା ନ ଥିବାରୁ ଆକ୍ୱାଗାର୍ଡଟି ଅଚଳ ହୋଇ ପଡିଛି । ସ୍କୁଲର ଉପରୋକ୍ତ ସମସ୍ୟା ବାବଦରେ ଗତ ୨୩ରେ ବ୍ଲକରେ ଅନୁଷ୍ଠିତ ୫ମ ସାଧାରଣ ଅଧିବେଶନରେ ସ୍ଥାନୀୟ ଜନ ପ୍ରତିନିଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ପାନୀୟ ଜଳର ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ବିଡିଓ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ୨ ଶିକ୍ଷକଙ୍କୁ ଡେପୁଟେଶନରେ ଦିଆଯାଇଥିବା ନେଇ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ ସୂଚନା ଦେଇଛନ୍ତି। ଶ୍ରେଣୀ ଗୃହ, ସ୍କୁଲ ପାଚେରି, ନିୟମିତ ଶିକ୍ଷକ ନିଯୁକ୍ତି ଓ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ନିମାଣୀ ପଞ୍ଚାୟତ ବିଦ୍ୟୁତ୍ ସମସ୍ୟା ସମାଧାନ ହେଲା

ଭାପୁର,୨୯ ।୮(ଭରତ କୁମାର ବେହେରା ): ଭାପୁର ବ୍ଲକ ନିମାଣୀ ପଞ୍ଚାୟତରେ ଗତ ୧ବର୍ଷ ଧରି ବିଦ୍ୟୁତ୍ ସମସ୍ୟା ଲାଗି ରହିଥିଲା । ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଦ୍ୟୁତ୍ ବିଭାଗ ତରଫରୁ ଉକ୍ତ ପଞ୍ଚାୟତକୁ ମଡେଲ ପଞ୍ଚାୟତ ଭାବେ ଗ୍ରହଣ କରାଯାଇଛି । ମଙ୍ଗଳବାର ନିମାଣୀ ଗ୍ରାମରେ ଏକ ୨୫୦ କିଲୋୱାଟ ଟ୍ରାନ୍ସଫର୍ମର ବସିଛି । ଉକ୍ତ ଟ୍ରାନ୍ସଫର୍ମରର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଶେଖର ସ୍ୱାଇଁ ଯୋଗଦେଇ ଥିଲେ। ଏସ୍‌ଡିଓ ଅନୀଲ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପି.ମଞ୍ଜିଲ କୁମାର, ଯନ୍ତ୍ରୀ ସନ୍ତୋଷ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ଧରି ନିମାଣୀ ପଞ୍ଚାୟତରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଥିଲା । ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ସ୍ୱାଇଁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଚିଠି କରିଥିଲେ। ଏନେଇ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯାଇ ଉକ୍ତ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ବଳରାମ


@ ବାଶା ହମ୍ମଦ


@ ଅଙ୍କିତା


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଳିକା ବିଦ୍ୟାଳୟରେ ରଙ୍ଗବତୀ ମେମୋରିଆଲ ଡେ

ଖଣ୍ଡପଡ଼ା,୨୯।୮(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ୫୮ତମ 'ରଙ୍ଗବତୀ ମେମୋରିଆଲ ଡେ' ପାଳିତ ହୋଇ ଯାଇଛି । କଣ୍ଟିଲୋ ହରିସୁବୁଦ୍ଧି ପାଟଣା ଗ୍ରାମର ସ୍ୱର୍ଗତ କୁଞ୍ଜବିହାରୀ ସାହୁଙ୍କ ଦ୍ୱାରା ୧୯୬୫ରେ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ତାଙ୍କ ସ୍ତ୍ରୀ ସ୍ୱର୍ଗତା ରଙ୍ଗବତୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ବିଦ୍ୟାଳୟ ପକ୍ଷରୁ ଏହି ଉତ୍ସବ ପାଳନ କରାଯାଇଥାଏ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ପ୍ରତିଷ୍ଠାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରିବା ସହିତ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମିଳିତ ନୃତ୍ୟ ପ୍ରତିଯୋଗୀତାରେ ୧୦ମ ଶ୍ରେଣୀ, ୭ମ ଶ୍ରେଣୀ ଓ ୬ଷ୍ଠ ଶ୍ରେଣୀ ଛାତ୍ରୀମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅତିଥି ଭାବେ ସରପଞ୍ଚ ଶ୍ରୀୟାରାଣୀ ବେହେରା, ପରିଚାଳନା କମିଟି ସଭାପତି ସୁରେଶ କୁମାର ମହାରଣା, ସରୋଜ କୁମାର ମିଶ୍ର, ସୁଜାତା ସାହୁ, ଗୀତାଞ୍ଜଳି ସାହୁ, ଅନୀତା ବେହେରା, ଖବରଦାତା ପ୍ରଭାକର ଶିରୋମଣି ଓ ନବ କିଶୋର ସାହୁ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ କଦମସେଠ୍ ପରିଚାଳନା କରିଥିଲେ ।


ରଙ୍ଗବତୀ ମେମୋରିଆଲ ଡେ ଅବସରରେ ଛାତ୍ରୀମାନେ ନୃତ୍ୟ କରୁଛନ୍ତି ।

# ନୀଳମାଧବ ବିକାଶ ପ୍ରକଳ୍ପ କାମକୁ ନେଇ ଦ୍ୱନ୍ଦ୍ୱ

- ୧୮ମାସରେ କାମ ସରିବ ବୋଲି ଘୋଷଣା ହୋଇଥିଲା
- ୧୬ମାସ ପରେ ବି ମନ୍ଥର ଗତିରେ ଚାଲିଛି କାମ
- ମାଷ୍ଟର ପ୍ଲାନ୍ ସଙ୍କୁଚିତ ହେଉଥିବା ଅଭିଯୋଗ

ଖଣ୍ଡପଡ଼ା,୨୯।୮(ଅଜୟ କୁମାର ମହାରଣା) ରାଜ୍ୟ ସରକାର ୨୦୨୨ ଏପ୍ରିଲରେ ନୀଳମାଧବ ବିକାଶ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ । ଏହି କାର୍ଯ୍ୟ ୧୮ ମାସରେ ସମ୍ପନ୍ନ ହେବ ବୋଲି ଘୋଷଣା କରାଯାଇଥିଲା । ପ୍ରସ୍ତୁତ ମାଷ୍ଟର ପ୍ଲାନରେ ମୁଖ୍ୟତଃ ମନ୍ଦିରର ପରିବେଷ୍ଟିତ ସ୍ଥାନ, ଚନ୍ଦନ ପୋଖରୀ, ଦୟଣାଚୋରି ବଗିଚାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ମନ୍ଦିର ଚତୁଃପାର୍ଶ୍ୱ ରାସ୍ତାର ଉନ୍ନତିକରଣ ଓ ପରିକ୍ରମା ମାର୍ଗ, ମହାନଦୀ କୂଳର ସୁରକ୍ଷା, ପାହାଡ଼ ଉପରେ ବିରାଜିତ ଠାକୁରଙ୍କ ଦର୍ଶନ ପାଇଁ ଲିଫ୍ଟ ବ୍ୟବସ୍ଥା ସହିତ ପ୍ରାୟ ୩୬ଟି ଆବଶ୍ୟକ କାର୍ଯ୍ୟ ପାଇଁ ପ୍ରସ୍ତାବ ରହିଛି । ମାତ୍ର ସମୟାନୁକ୍ରମେ ମାଷ୍ଟର ପ୍ଲାନ କ୍ରମଶଃ ସଙ୍କୁଚିତ ହୋଇଯାଉଛି । ମନ୍ଦିରର ମୁଖ୍ୟ ସିଂହଦ୍ୱାର ସମ୍ମୁଖ ଭାଗରେ ଥିବା ସେବାୟତ ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ଘରକୁ ଉଚ୍ଛେଦ କରାଯାଇ କଣ୍ଟିଲୋ- ଖୋର୍ଦ୍ଧା ରାଜ୍ୟ ରାଜପଥକୁ ସଂଯୋଗ କରିବା ପାଇଁ ରାସ୍ତାର ନବୀକରଣ ଓ ପ୍ରଶସ୍ତିକରଣ ସହ ମନ୍ଦିର ପାଇଁ ସ୍ୱତନ୍ତ୍ର ପୋଲିସ ଫାଣ୍ଡି ସ୍ଥାପନ କରାଯିବାର ଯୋଜନା ରହିଥିଲା । ମାତ୍ର ସମସ୍ତ କାର୍ଯ୍ୟ ଧିର ମନ୍ଥର ଗତିରେ ଚାଲିଥିବା ବେଳେ କେତେକ ମୁଖ୍ୟ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ବୋଲି ଅଭିଯୋଗ ହୋଇଛି।

ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଓଡ଼ିଶା ସେତୁ ନିର୍ମାଣ ନିଗମ ଉପରେ ନ୍ୟସ୍ତ ରହିଥିବା ବେଳେ ପ୍ରକଳ୍ପର କାର୍ଯ୍ୟ ବଂଶଲ କମ୍ପାନୀ ପକ୍ଷରୁ ପରିଚାଳନା କରାଯାଉଛି । ୫-ଟି ଯୋଜନାର ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ପ୍ରକଳ୍ପରେ ନାନା ବ୍ୟତିକ୍ରମ ଦେଖାଦେଇଥିବା ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରକଳ୍ପର କାର୍ଯ୍ୟ ଯେପରି ଭାବେ ମନ୍ଥର ଗତିରେ ଏବଂ ଠିକାଦାରଙ୍କ ମନଇଚ୍ଛା ଚାଲିଛି ତାହା କେବେ ସମ୍ପନ୍ନ ହେବ ଓ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା କୁହନ୍ତି, ବାରମ୍ବାର ଅଭିଯୋଗ ପରେ ବି ପ୍ରକଳ୍ପ ସମ୍ପର୍କରେ କୌଣସି ତଥ୍ୟ କିମ୍ବା ପ୍ରକଳ୍ପର ନବୀକରଣ ଚିତ୍ରର ସୂଚନା ସାର୍ବଜନୀନ କରାଯାଉ ନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଉଛି। କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ କହିଛନ୍ତି, ଏହି ପ୍ରକଳ୍ପରେ ୫-ଟିର ଟାଇମ ଫ୍ୟାକ୍ଟର, ଟ୍ରାନ୍ସପରେନ୍ସି ଫେଲ ମାରିଛି । ଯେଉଁ କାମ ହେଉଛି ତାହା ନିମ୍ନମାନର । ବିକଳ୍ପ କାର୍ଯ୍ୟର ରୂପରେଖ ସମ୍ପର୍କରେ ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି । ଇତିମଧ୍ୟରେ ୧୬ ମାସ ବିତିଲାଣି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏହି ପ୍ରକଳ୍ପର ସୂଚନା ଫଳକଟିଏ ସ୍ଥାପନ କରାଯାଇନାହିଁ । ପୂଜକ ସମାଜ ସମ୍ପାଦକ ନୀଳମାଧବ ମିଶ୍ର କହିଛନ୍ତି, ମାଷ୍ଟର ପ୍ଲାନ ଅନୁସାରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ବସବାସ କରୁଥିବା ସେବାୟତଙ୍କ ସମେତ ପ୍ରାୟ ୬୫ ପରିବାରକୁ ସ୍ଥାନାନ୍ତର କରାଯିବାର ନିଷ୍ପତ୍ତି ହୋଇଥିଲା । ୨୦୨୨ ସେପ୍ଟେମ୍ବର ୧୪ରେ ତତ୍କାଳୀନ ଜିଲାପାଳ ଡ. ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ବିସ୍ଥାପିତ ପରିବାରକୁ କିପରି ଏବଂ କେଉଁ ଭିତ୍ତିରେ ଥଇଥାନ କରାଯିବ ସେ ସମ୍ପର୍କରେ ସେବାସୀ ତଥା ବିସ୍ଥାପିତ ପରିବାର ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା । ନିଷ୍ପତ୍ତି କ୍ରମେ ବିସ୍ଥାପିତ ପରିବାର ଅନ୍ୟତ୍ର ଘର ଭଡ଼ା ନେଇ ରହିବା ସହ ଥଇଥାନ ପାଇଁ ପ୍ୟାକେଜ ଘୋଷଣା କରାଯାଇଥିଲା । ମାତ୍ର ୧ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ପଠାଣି ସାମନ୍ତ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା କହିଛନ୍ତି, ବିକାଶ କାର୍ଯ୍ୟରେ ଶିଥିଳତା ଦେଖା ଦେଇଛି। ପୂର୍ବଦ୍ୱାର କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ପୂଜକ ତଥା ସେବାୟତଙ୍କ ଥଇଥାନର ବ୍ୟବସ୍ଥା ଯଦି ଆଗକୁ କରା ନ ଯାଏ ତେବେ ବିକାଶ ଧାରା ବହୁ ପଛକୁ ଯିବ। ସମିତି ସଭ୍ୟା ଶିଖା ବେହେରାଙ୍କ କହିବା ଅନୁଯାୟୀ, ଦୟଣା ଚୋରି ବଗିଚା କାମ ନିମ୍ନମାନର ହେଉଛି । ପୁଣି ପାହାଡ଼ ଉପରେ ବିରାଜିତ ନୀଳମାଧବ ମନ୍ଦିରର ପଶ୍ଚିମ ଓ ଉତ୍ତର ପାର୍ଶ୍ୱରୁ ଯେପରି ବଡ଼ ବଡ଼ ପଥରକୁ ତାଡିଦିଆ ଯାଉଛି ତାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ଆଶଙ୍କା ପ୍ରକାଶ ପାଉଛି । ନୀଳମାଧବ ପୂଜକ ସମାଜର ପୂର୍ବତନ ସଭାପତି ନିହାର ରଞ୍ଜନ ମିଶ୍ର କହିଛନ୍ତି, ଚଳିତ ବର୍ଷ ଚନ୍ଦନ ପୋଖରୀରେ ଠାକୁରଙ୍କ ବିଭିନ୍ନ ନୀତି ବନ୍ଦ ରହିଥିଲା । ଆଗାମୀ ୪ରୁ ୫ ବର୍ଷ ମଧ୍ୟରେ ସେହି ନୀତି କରିବା ସମ୍ଭାବନା ନାହିଁ । ମନ୍ଥର ଗତିରେ କାମ ଚାଲିଛି । ଏଥିଯୋଗୁ ଆସନ୍ତା ବର୍ଷ ଠାକୁରଙ୍କ ଚନ୍ଦନ ଚାପ ହେବା ଅନିଶ୍ଚିତତା ମଧ୍ୟରେ ରହିଛି । କଣ୍ଟିଲୋ ନାଗରିକ ମଞ୍ଚ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ କହିଛନ୍ତି, ଚନ୍ଦନ ପୋଖରୀର କାର୍ଯ୍ୟ ଠିକ ଭାବେ ହେଉନାହିଁ ପୋଖରୀର ମଣିଖମ୍ବ ଓ ଚତୁଃପାର୍ଶ୍ୱ ପ୍ରାଚୀର ଯାହାକି ପାଣିରେ ବୁଡ଼ି ରହିବ । ଯଦି ସେହି କାମ ନିମ୍ନମାନର ହୋଇଥିବ ଶୀଘ୍ର ନଷ୍ଟ ହୋଇଯିବ । ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଦରକାର । ବାଣପୁରର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର କହିଛନ୍ତି, ବିକାଶ ପ୍ରକଳ୍ପର ମାଷ୍ଟର ପ୍ଲାନ ପରବର୍ତ୍ତୀ ସମୟରେ ସଙ୍କୁଚିତ ହେବା ପରି ମନେ ହେଉଛି । କାର୍ଯ୍ୟର ମାନ ଓ ସ୍ଥାୟିତ୍ୱ ମନରେ ଆଶଙ୍କା ସୃଷ୍ଟି କରୁଛି । ପ୍ରକଳ୍ପର କାର୍ଯ୍ୟକୁ ତଦାରଖ କରି ତ୍ୱରାନ୍ୱିତ କରିବାରେ ଲୋକ ପ୍ରତିନିଧି ତଥା ବିଧାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ବିଧାୟକ ନୀରବ ରହୁଥିବାରୁ ଠିକା ସଂସ୍ଥାକୁ ତାହା ସୁହାଇଛି ।


ଚନ୍ଦନପୋଖରୀ ନିର୍ମାଣ କାର୍ଯ୍ୟ ଚାଲିଛି ।

